୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.88 Bhubaneswar Monday May 13 2024 ୨୬ତମ ବର୍ଷ ସଂଖ୍ୟା–୮୮ ଭୁବନେଶ୍ୱର, ସୋମବାର, ମଇ ୧୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ରାତି ପାହିଲେ ଭୋଟ ଦେବ ଓଡିଶା: ୪ ଲୋକସଭା ଓ ୨୮ ବିଧାନସଭା ଆସନରେ ହେବ ମତଦାନ



ଭୁବନେଶ୍ୱର,୧୨।୫(ପି.ଏନ): ରାତି ପାହିଲେ ଓଡିଶାରେ ଗଣତନ୍ତ୍ରର ମହାପର୍ବ ନିର୍ବାଚନ। ଦେଶରେ ଚତୁର୍ଥ ଓ ଓଡିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ। ରାତି ପାହିଲେ ଭୋଟ୍ ଦେବେ ରାଜ୍ୟର ୪ ଲୋକସଭା ଓ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନର ଭୋଟର। କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଆସନ ଓ ଏହା ଅଧୀନରେ ଆସୁଥିବା ସମସ୍ତ ବିଧାନସଭା ସିଟରେ ମତଦାନ ଲାଗି ସରିଛି ସବୁ ପ୍ରକାର ପ୍ରସ୍ତୁତି।ଏଥିପାଇଁ ନିର୍ବାଚନ କମିଶନ୍ ତଥା ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସବୁ ପ୍ରସ୍ତୁତି ସରିଛି। ସମସ୍ତ ଦୁର୍ଗମ ଅଞ୍ଚଳରେ ପହଞ୍ଚି ସାରିଛନ୍ତି ପୋଲିଂ ପାର୍ଟି। କଡା ସୁରକ୍ଷା ଲାଗି ମୁତୟନ ହୋଇଛନ୍ତି ୧୭ ହଜାର ପୁଲିସ୍ ଫୋର୍ସ। ନୂଆପଡା ଜିଲ୍ଲାର ସୁନାବେଡା ଅଞ୍ଚଳରେ ଥିବା ୫ଟି ବୁଥକୁ ଆଜି ବାୟୁସେନାର ହେଲିକପ୍ଟର ଯୋଗେ ଯାଇଛନ୍ତି ପୋଲିଂ କର୍ମଚାରୀ।ସେହିପରି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳର ଅଧିକାଂଶ ବୁଥରେ ଶନିବାର ଠାରୁ ପୋଲିଂ ପାର୍ଟି ପହଞ୍ଚି ସାରିଥିବା ବି ଦୁର୍ଗମ ଯନ୍ତ୍ରୀ ଓ ସନ୍ନ୍ୟାସୀଗୁଡାକୁ ଆଜି ମୋଟର ଲଞ୍ଚ୍ ଯୋଗେ ଯାତ୍ରା କରିଛନ୍ତି ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀ। ସେହିଭଳି କଳାହାଣ୍ଡିର ଭବାନୀପାଟଣା, ଧର୍ମଗଡ, ଗଜପତିର ମୋହନା, ରାୟଗଡାର ନିୟମଗିରି ଭଳି ଦୁର୍ଗମ, ସୀମାନ୍ତ ଓ ଉପାନ୍ତ ଅଞ୍ଚଳରେ ମଧ୍ୟ ପହଞ୍ଚି ସାରିଛନ୍ତି ପୋଲିଂ ଅଧିକାରୀ। କାଲି ସକାଳ ୭ଟାରୁ ମତଦାନ ଆରମ୍ଭ ଲାଗି ବୁଥ୍ ଭିତରେ ସବୁ ପ୍ରକାର ଆନୁସଙ୍ଗିକ କାର୍ଯ୍ୟରେ ଲାଗି ପଡିଛନ୍ତି ପୋଲିଂ କର୍ମଚାରୀ।

## ପୁଣି ଆସିବେ ମୋଦି, ପୁରୀରେ କରିବେ ରୋଡ୍ ଶୋ’



ଭୁବନେଶ୍ୱର,୧୨।୫(ପି.ଏନ): ଦୁଇ ଦିନିଆ ଓଡିଶା ଗସ୍ତ ସାରି ଗତକାଲି ଫେରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ଆସିବେ। ଆଜି ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ଉପ-ସଭାପତି ଗୋଲକ ମହାପାତ୍ର।ସେ କହିଛନ୍ତି, ୨୦ ତାରିଖରେ ଓଡିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ପୁରୀରେ ରୋଡ୍ ଶୋ’ କରିବେ। ସେହିପରି ସେହିଦିନ କଟକ ଓ ଅନୁଗୋଳରେ ଜନସଭାକୁ ସମ୍ବୋଧିତ କରିବେ। ସେହିପରି ମେ’ ୧୫ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସିବେ। ସେ ରାଉରକେଲା, କଣ୍ଟାବାଞ୍ଜି ଓ ସୋରଡାରେ ସଭା କରିବେ। ୧୭ ତାରିଖରେ ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା। ସେ ସୁନ୍ଦରଗଡ, ହିଞ୍ଜିଳି ଓ ପଦ୍ମପୁରରେ ନିର୍ବାଚନୀ ସଭାରେ ଯୋଗ ଦେବେ।

## ୧୫ରେ ଓଡିଶା ଆସୁଛନ୍ତି ରାହୁଲ ଗାନ୍ଧି

ଭୁବନେଶ୍ୱର,୧୨।୫(ପି.ଏନ):ପୁଣି ଓଡିଶା ଆସିବେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ମାଗିବାକୁ ରାହୁଲ ଗାନ୍ଧି ଆସନ୍ତା ୧୫ ତାରିଖରେ ବଲାଙ୍ଗୀର ଆସିବେ। ଏଠାରେ ସେ କଂଗ୍ରେସର ଲୋକସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବେ।ରାହୁଲ ବାଇକ ରାଲି ସହ ଜନସଭାରେ ଲୋକଙ୍କୁ ସମ୍ବୋଧନ କରିବେ। ରାହୁଲ ଗାନ୍ଧିଙ୍କ ଗସ୍ତକୁ ନେଇ ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।



### ବନ୍ଧୁ ସାଜିଲା ବଇରୀ, ବାପ ଛେଉଣ୍ଡ ହେଇଗଲେ ଦୁଇ ଛୋଟ ପିଲା

ଭୁବନେଶ୍ୱର,୧୨।୫(ପି.ଏନ): ଥରେ ଧୋକା ଦେଇଥିଲେ। ତଥାପି ସାଙ୍ଗ ଭାବି ସବୁ କିଛି ମାଫ କରି ଦେଇଥିଲେ। ବନ୍ଧୁଙ୍କ ବାଇକ ଚୋରି କରି ବିକିବା ବେଳେ ଧରା ପଡି ଯାଇଥିଲେ। ଗାଁରେ ମିଟିଂରେ ହୋଇ ଜୋରିମାନା ସହିତ ଗାଡ଼ି ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ ଗ୍ରାମବାସୀ। ବନ୍ଧୁଙ୍କୁ ଗାଡ଼ି ଫେରସ୍ତ କଲେ କିନ୍ତୁ ଜୋରିମାନା ଅର୍ଥ ଫାଙ୍କି ଦେଲେ। ତଥାପି ବନ୍ଧୁତା ଭାଙ୍ଗି ନ ଯାଉ ଭାବି ବନ୍ଧୁଙ୍କୁ କ୍ଷମା କରି ଦେଇଥିଲେ ବିଜୟ ନାୟକ। କିନ୍ତୁ ତାଙ୍କ ବନ୍ଧୁ ଅଜୟ ବାରିକଙ୍କ ମନରେ ଏତେ ମାତ୍ରାରେ ବିଷ ଥିଲା ଯେ ଗାଁ ମୁଣ୍ଡରେ ଯମ ପରି ଜଗି ରହି ବିଜୟଙ୍କ ଠାରୁ ନେଇଥିଲେ ପ୍ରତିଶୋଧ। ଏପ୍ରିଲ ୨୭ ତାରିଖ ରାତି ପ୍ରାୟ ୧୧ଟା ବେଳେ ବିଜୟଙ୍କୁ ସେ କରିଥିଲେ ମରାଣାତ୍ମକ ଆକ୍ରମଣ। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ବିଜୟଙ୍କ ମୃତ୍ୟୁ ହୋଇଛି। ବିଜୟଙ୍କ ମୃତ୍ୟୁପରେ ବାପ ଛେଉଣ୍ଡ ହୋଇଯାଇଛନ୍ତି ତାଙ୍କର ଦୁଇ କୁନିକୁନି ପିଲା। ଏବେ ସ୍ତ୍ରୀ ଓ ମା’ ନ୍ୟାୟ ଅପେକ୍ଷାରେ କେବଳ କାନ୍ଦିବାରେ ଲାଗିଛନ୍ତି।

### କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ସରକାରୀ ଛୁଟି ବାତିଲ

ଭୁବନେଶ୍ୱର,୧୨।୫(ପି.ଏନ) : ସାଧାରଣ ନିର୍ବାଚନ ୨୦୨୪କୁ ଦୃଷ୍ଟିରେ ରଖି ଏକ ବଡ ନିଷ୍ପତ୍ତି ନିଆଯାଇଛି । କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ସରକାରୀ ଛୁଟି ଦିବସକୁ ବାତିଲ କରାଯାଇଛି । ଶନିବାର ଓ ରବିବାର ଛୁଟି ଦିବସକୁ ମଧ୍ୟ ବାତିଲ କରି ଦିଆଯାଇଛି ।ମେ ୧୧, ୧୨, ୧୯, ୨୩, ୨୫, ୨୬ ଓ ଜୁନ୍ ୨ ତାରିଖରେ ଥିବା ଛୁଟି ଦିନକୁ ବାତିଲ କରାଯାଇଛି । ଏହି ଦିନମାନଙ୍କରେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଅଫିସ ଯିବାକୁ କୁହାଯାଇଛି । ଏ ନେଇ ଖୋର୍ଦ୍ଧା ଓ କଟକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିସହିତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ସମସ୍ତ ବିଡିଓ, ତହସିଲଦାର, ଜିଲ୍ଲା ସ୍ତରୀୟ ଅଫିସର ଓ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ତରଫରୁ ଚିଠି ପଠାଯାଇଛି ।ସୂଚନାଯୋଗ୍ୟ ଯେ, ଲୋକସଭା ନିର୍ବାଚନ ପାଇଁ ସାରା ଦେଶରେ ସାତ ପର୍ଯ୍ୟାୟ ବିଶିଷ୍ଟ ମତଦାନ ପ୍ରକ୍ରିୟା ଜାରି ରହିଛି ।

## ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ପ୍ରସଙ୍ଗରେ ବୈଜୟନ୍ତଙ୍କ ବଡ଼ ଅପିଲ୍



ଭୁବନେଶ୍ୱର,୧୨।୫(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାତି ପ୍ରାୟ ସାଢ଼େ ୯ଟାରେ ଏକ ଭିଡିଓ ଜାରି କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା ପ୍ରସଙ୍ଗରେ ଓଡ଼ିଶାବାସୀଙ୍କୁ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ନିଜ ସୋଶାଲ୍ ମିଡିଆ ହ୍ୟାଣ୍ଡେଲ୍ ଏକ୍ସରେ ବଡ ଅପିଲ୍ କରିଛନ୍ତି ।ନିଜର ସୋଶାଲ୍ ମିଡିଆ ହ୍ୟାଣ୍ଡେଲ୍ ଏକ୍ସରେ ପୋଷ୍ଟ କରି ବୈଜୟନ୍ତ ଲେଖିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପୂର୍ବତନ ପ୍ରଶାସକ ତଥା ଏବେକାର ପଲିଟିସିଆନ୍ ହ୍ୟାଣ୍ଡଲର ଯେଉଁଭଳି ଏବେ କଣ୍ଢେଇ ଭାବେ ନଚାଉଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। ଏଆଇ ପ୍ରସ୍ତୁତ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ମେସେଜକୁ ପ୍ରକୃତରେ ରେକର୍ଡ ହୋଇଥିବା ଭିଡିଓ ମେସେଜ୍ ଯେମିତିକି ହେଲିକପ୍ଟରରୁ କିମ୍ବା ବିରଳ ସାର୍ବଜନୀନ ଉପସ୍ଥିତିର ଭିଡିଓ ମେସେଜ୍ ସହ ତୁଳନା କଲେ ଉଭୟ ଭିତରେ ଥିବା ଆକାଶ ପାତାଳ ଫରକ ସ୍ପଷ୍ଟ ବାରି ହୋଇପଡ଼ିବ।

## ଶାହଙ୍କ ରଣହୁଙ୍କାର: ’ପିଓକେ’କୁ ଫେରାଇ ଆଣିବୁ

ଭୁବନେଶ୍ୱର,୧୨।୫(ପି.ଏନ): ପାକିସ୍ତାନ କବଳରୁ ମୁକ୍ତି ପାଇବା ପାଇଁ ପାକିସ୍ତାନ ଅଧିକୃତ କଶ୍ମୀର ଲୋକେ ରାସ୍ତା ଓହ୍ଲାଇଛନ୍ତି। ଏଠାରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ପୁଲିସ ଓ ଜନସଧାରଣଙ୍କ ଭିତରେ ଜାରି ରହିଛି ସଂଘର୍ଷ। ଏହାରି ଭିତରେ ଗୃହମନ୍ତ୍ରୀ ଅମିତ ଶାହା ପିଓକେକୁ ନେଇ ଦେଇଛନ୍ତି ଏକ ବଡ ବୟାନ। ପିଓକେ ହେଉଛି ଭାରତର ଅଂଶ। ଆମେ ଏହାକୁ ଫେରାଇ ଆଣିବୁ ବୋଲି ସେ କହିଛନ୍ତି ।ଅମିତ ଶାହ ଉତ୍ତରପ୍ରଦେଶର କୌଶାମ୍ବିରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ଅମିତ ଶାହା କହିଛନ୍ତି ଯେ କଂଗ୍ରେସ ଚାହୁଁଛି ଯେ ଆମେ ପାକିସ୍ତାନକୁ ସମ୍ମାନ ଦେବା ଉଚିତ୍, କିନ୍ତୁ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଭାରତର ଅଂଶ। ଆମେ ଏହାକୁ ନିଶ୍ଚିତ ଫେରାଇ ଆଣିବୁ ବୋଲି ରଣ ହୁଙ୍କାର ଦେଇଛନ୍ତି।

## ରାଜ୍ୟରେ କାଳବୈଶାଖୀ ସମ୍ଭାବନା ! ଏହି ଜିଲ୍ଲାଗୁଡ଼ିକୁ ଦିଆଗଲା ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୨।୫(ପି.ଏନ) : ରାଜ୍ୟର ଅଧିକାଂଶ ଜିଲ୍ଲାରେ ଆଜି କାଳବୈଶାଖୀ ସମ୍ଭାବନା ରହିଛି। ପ୍ରାୟ ୧୯ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବା ବେଳେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି ।କେନ୍ଦ୍ରର ସୂଚନା ଅନୁଯାୟୀ, ରବିବାର କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ସମୟରେ ଉପରୋକ୍ତ ଜିଲ୍ଲାର କେତେକ ସ୍ଥାନରେ ୪୦ରୁ ୫୦କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାବ୍ୟତୀତ ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ନୟାଗଡ଼, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟ କାଳବୈଶାଖୀ ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗର ପବନ ବହିବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ସେହିପରି ୧୩ ତାରିଖରେ ମଧ୍ୟ ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି ।ଅପରପକ୍ଷେ ଶନିବାର ରାଜ୍ୟର ୯ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଏବଂ ତଦୂର୍ଦ୍ଧ୍ୱ ରେକର୍ଡ ହୋଇଛି। ନୂଆପଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ କରାଯାଇଛି। ତାଲିକାରେ ୪୧.୫ଡିଗ୍ରୀ ସହ ଝାରସୁଗୁଡ଼ା ଦ୍ୱିତୀୟ ସ୍ଥାନରେ ରହିଥିବା ? ବେଳେ ସମ୍ବଲପୁର, ହୀରାକୁଦ ଓ ବୌଦ୍ଧରେ ୪୧.୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ବଲାଙ୍ଗୀରରେ ୪୦.୫ ଡିଗ୍ରୀ, ସୁନ୍ଦରଗଡ଼ ଓ ଭବାନୀପାଟଣାରେ ୪୦.୨ ଡିଗ୍ରୀ ଏବଂ ଟିଟିଲାଗଡ଼ରେ ପାରଦ ୪୦ ଡିଗ୍ରୀ ଛୁଇଁଛି।

## ଓଡିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରସ୍ତୁତି ପାଇଁ ଡିଜିପିଙ୍କ ସାମ୍ବାଦିକ ସମ୍ମିଳନୀ, ମୁତୟନ ହେବେ ୧୭ ହଜାର ପୋଲିସ ଫୋର୍ସ

ଭୁବନେଶ୍ୱର,୧୨।୫(ପି.ଏନ): ଆସନ୍ତାକାଲି ରାଜ୍ୟରେ ଅନୁଷ୍ଠିତ ହେବ ପ୍ରଥମ ପର୍ଯ୍ୟାୟ ନିର୍ବାଚନ । ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ଏବଂ ରାଜ୍ୟବାସୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି । ଏଥିମଧ୍ୟରେ ନିର୍ବାଚନୀ ପ୍ରସ୍ତୁତି ନେଇ ଡିଜିପି ଅରୁଣ ଷଡଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ୪ଟି ସଂସଦୀୟ କ୍ଷେତ୍ର ଏବଂ ୨୮ଟି ବିଧାନସଭା କ୍ଷେତ୍ର ନେଇ ସୂଚନା ଦେଇଛନ୍ତି । ନିର୍ବାଚନ ସୁରୁଖୁରୁରେ ହେବା ପାଇଁ ୧୭ ହଜାର ପୋଲିସ ଫୋର୍ସ ମୁତୟନ ରହିବା ସହ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ୨୧୦ ଫ୍ଲାଇଂ ସ୍କ୍ୱାଡ୍ ମଧ୍ୟ ନିଯୁକ୍ତ ହେବେ । ୧୦୪ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ ଓ ୬୬ ପ୍ଲାଟୁନ ଝଇଚ ଜଗିବେ ପୋଲିଂ ବୁଥ୍ । ସୀମାବର୍ତ୍ତୀ ଅଞ୍ଚଳରେ ଚେକିଂ କଡାକଡି କରାଯାଇଛି । ୯ଟି ଜିଲ୍ଲାକୁ ଲାଗି ୫୧ଟି ଚେକ୍ ପୋଷ୍ଟ ରହଥିବା ବେଳେ ।ଆନ୍ଧ୍ର ଓ ଛତିଶଗଡରେ ଲାଗିଥିବା ଏହି ସବୁ ଚେକପୋଷ୍ଟରେ ସିସିଟିଭି ବ୍ୟବସ୍ଥା ରହିଛି । ଏହା ସହ ୯ଟି ଜିଲ୍ଲାରେ ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ବ୍ୟବସ୍ଥା ମଧ୍ୟ ରହିଛି । ଏହା ସହ ମାଓ ପ୍ରବଣ ଅଞ୍ଚଳରେ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ କଡା ନଜର ରଖାଯିବା ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି । ଭୋଟ୍ ଶେଷ ହେବା ପରେ ୧୫ଟି ଷ୍ଟ୍ରଙ୍ଗ ରୁମରେ ଇଭିଏମକୁ ସୁରକ୍ଷିତ ରଖାଯିବ । ଗୋଟିଏ ମୋବାଇଲ ପାର୍ଟି ୧୦ରୁ ୧୨ଟି ବୁଥ୍ ବୁଲି ରିପୋର୍ଟ ନେବେ ।

## ବିରୋଧୀମାନେ ମିଛ କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୫(ପି.ଏନ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ବଙ୍ଗୋମୁଣ୍ଡାରେ ପ୍ରଚାର କରିଛନ୍ତି । ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ ନବୀନ କହିଛନ୍ତି, ମୁଁ କଣ୍ଟାବାଞ୍ଜିରୁ ବିଧାୟକ ପ୍ରାର୍ଥୀ ହୋଇଛି ଆପଣ ମାନେ ଖୁସି ତ । ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନା ଭଲ କି ନାହିଁ ପଚାରିବା ସହ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅପିଲ କରିଥିଲେ ନବୀନ ।ଏହାସହ ଜନସଭାରେ ନବୀନ ବିରୋଧୀ ମିଛ କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଥିବା କହିଛନ୍ତି । ଉଦବୋଧନ ଆରମ୍ଭ କରି ରାଜ୍ୟ ସକାରଙ୍କ ବିଭିନ୍ନ ଯୋଜନାର ନାଁ ନେଇଥିଲେ ମୁଖ୍ୟମନ୍ତ୍ରୀ । ଯାହାକୁ ଶୁଣି, ମଞ୍ଚ ସ୍ଥଳ ଗୁଞ୍ଜରିତ ହୋଇଉଠିଥିଲା । ଏସବୁ ଯୋଜନା ଭଲ କି ବୋଲି ମୁଖ୍ୟମନ୍ତ୍ରୀ ଜନତାଙ୍କୁ ପଚାରିଥିଲେ । ଉତ୍ତରରେ ବଙ୍ଗୋମୁଣ୍ଡା ସଭା ସ୍ଥଳ ଡର୍‌ରେ ପ୍ରକମ୍ପିତ ହୋଇଥିଲା । ଏହାପରେ ନବୀନ ପଟ୍ଟନାୟକ ଭଲ କି ଓ ବିଜେଡି ଭଲ କି ବୋଲି ନବୀନ ପଚାରିଥିଲେ ।ଏହି ସମୟରେ ଅଳ୍ପ ଭାଷଣରେ ବିରୋଧୀଙ୍କୁ କଡା ସମାଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ବିଜେପି ଓ ଏହି ଦଳର ନେତାଙ୍କୁ ଟାର୍ଗେଟ କରିଥିଲେ ନବୀନ । ବିଜେପି ନେତା ମଛ କହୁଥିବା କହିଛନ୍ତି ନବୀନ । ସେମାନେ ଜନତାଙ୍କ ଆଗରେ କୁମ୍ଭୀର କାନ୍ଦଣା କାନ୍ଦୁ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ବିଜେଡିର ମାଗଣା ବିଜୁଳି ପ୍ରତିଶ୍ରୁତି କଥା ମନେ ପକାଇ ଦେଇଥିଲେ ନବୀନ । ଲୋକଙ୍କୁ ମାଗଣାରେ ବିଜୁଳି ମିଳିବା ନେଇ ଖୁସି ତ ବୋଲି ଜନତାଙ୍କୁ ପ୍ରଶ୍ନ କରିଥିଲେ ମୁଖ୍ୟମନ୍ତ୍ରୀ ।

### ସ୍କୁଲ ପରେ ହସ୍ପିଟାଲ ପାଳି, ବୋମା ବିସ୍ଫୋରଣ ଧମକ

ଭୁବନେଶ୍ୱର,୧୨।୫(ପି.ଏନ): ସ୍କୁଲ ପରେ ଏବେ ହସ୍ପିଟାଲ ପାଳି। ରାଜଧାନୀର ଦୁଇଟି ବଡ ହସ୍ପିଟାଲକୁ ବୋମା ଲଗାଇ ଉଡାଇ ଦେବାକୁ ମିଳିଛି ଧମକ। ଇ-ମେଲ୍ ଜରିଆରେ ଏହି ଧମକ ଆସିଛି। ଏହାପରେ ଚାରିଆଡେ ଆତଙ୍କ ଖେଳି ଯାଇଛି ।ଦିଲ୍ଲୀର ଜଣାଶୁଣା ବୁରାଡି ହସ୍ପିଟାଲ ଓ ସଞ୍ଜୟ ଗାନ୍ଧି ହସ୍ପିଟାଲକୁ ବୋମା ବିସ୍ଫୋରଣ ଧମକ ମିଳିଛି। ଏହି ଧମକପୂର୍ଣ୍ଣ ମେଲ୍ ଆସିବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ବମ ସ୍କ୍ୱାଡ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି।

## ପିଏଙ୍କ ଚାକର ଘରୁ ମିଳିଥିଲା ପୁଳା ପୁଳା ଟଙ୍କା, ଏବେ ମନ୍ତ୍ରୀଙ୍କୁ ଡାକିଲା ଇଡି



ଭୁବନେଶ୍ୱର,୧୨।୫(ପି.ଏନ): ପିଏଙ୍କ ଚକର ଘରୁ ଗତ ସପ୍ତାହରେ ମିଳିଥିଲା ପୁଳା ପୁଳା ଟଙ୍କା। ଏବେ ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରବିବାର ଝାଡ଼ଖଣ୍ଡ ମନ୍ତ୍ରୀ ତଥା କଂଗ୍ରେସ ବିଧାୟକ ଆଲମଗିର ଆଲମଙ୍କୁ ସମନ ଜାରି କରିଛି। ପଚରାଉଚରା ପାଇଁ ରାଞ୍ଚି ସ୍ଥିତ କାର୍ଯ୍ୟାଳୟରେ ମେ’ ୧୪ ତାରିଖରେ ହାଜର ହେବାକୁ ତାଙ୍କୁ କୁହାଯାଇଛି ।ଆଲାମଗିର ଆଲାମଙ୍କ ପି.ଏ ସଞ୍ଜୀବ ଲାଲ ଓ ତାଙ୍କ ଚାକର ଜାହାଙ୍ଗୀର ଆଲାମଙ୍କ ଘରୁ ଗତ ସପ୍ତାହରେ ଚଢ଼ାଉ ବେଳେ ନଗଦ ୩୫ କୋଟି ଟଙ୍କା ଜବତ ହୋଇଥିଲା। କେବଳ ସେତିକି ନୁହେଁ ଜାହାଙ୍ଗୀର ଆଲମଙ୍କ ଫ୍ଲାଟରୁ ଅନେକ ଦାମୀ ଅଳଙ୍କାର ମଧ୍ୟ ଜବତ କରାଯାଇଥିଲା। ଏହାପରେ ପିଏ ସଞ୍ଜୀବ ଲାଲ ଏବଂ ଜାହାଙ୍ଗୀର ଆଲାମଙ୍କୁ ଇଡି ଗିରଫ କରିଥିଲା।

## ଖଟ୍ଟରଙ୍କ ଦାବି, ହରିଆଣା ସରକାରଙ୍କ ଖୁବଶୀଘ୍ର ହେବ ଫ୍ଲୋର ଟେଷ୍ଟ



ଭୁବନେଶ୍ୱର,୧।୫(ପି.ଏନ): ହରିଆଣାରେ ଜାରି ରହିଛି ରାଜନୈତିକ ସଙ୍କଟ। ଯେକୌଣସି ମୁହୂର୍ତ୍ତରେ ବି ଏଠାକାର ସରକାର ଭାଙ୍ଗିଯିବା ସମ୍ଭାବନା ରହିଛି। ଏହାରି ଭିତରେ ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଏକ ବଡ ଦାବି କରିଛନ୍ତି। ବିଧାନସଭାରେ ଖୁବଶୀଘ୍ର ହରିଆଣା ସରକାରଙ୍କ ଫ୍ଲୋର ଟେଷ୍ଟ ହେବ ବୋଲି ସେ କହିଛନ୍ତି। ଏଥିପାଇଁ ହରିଆଣା ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯିବ। ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର କହିଛନ୍ତି ଯେ, ଜେଜେପିକୁ ଏହି କଥା ଉଠେଇବାର ନଥିଲା। ଏବେ ସେ ଏହି କଥାକୁ ଉଠେଇ, ନିଜକୁ କାଠଗଡାକୁ ଟାଣିଛନ୍ତି। ଜେଜେପିର ୬ ଜଣ ବିଧାୟକ ବିଜେପି ସମ୍ପର୍କରେ ଥିବା ନେଇ ସୂଚନା ଦେଇଛନ୍ତି। ଏହାସହ କଂଗ୍ରେସର ୩୦ ବିଧାୟକଙ୍କ ମଧ୍ୟରୁ ୫ ଜଣ ବିଧାୟକ ମଧ୍ୟ ବିଜେପି ସମ୍ପର୍କରେ ଥିବା ନେଇ ଖଟ୍ଟର ସୂଚନା ଦେଇଛନ୍ତି। ଫ୍ଲୋର ଟେଷ୍ଟ ପାଇଁ ରାଜ୍ୟପାଳ ୩୦ ଜଣ କଂଗ୍ରେସ ବିଧାୟକଙ୍କ ଦସ୍ତଖତ ମାଗିଛନ୍ତି, ତେଣୁ ଫ୍ଲୋର ଟେଷ୍ଟ ଶୀଘ୍ର ହୋଇପାରେ ବୋଲି ଖଟ୍ଟର ଦାବି କରିଛନ୍ତି।

## ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାରେ ବିଭ୍ରାଟ: ଦିନ ବଦଳରେ ରାତିରେ ଖେଳିଲେ ଚାପ

ଭୁବନେଶ୍ୱର,୧୨।୫(ପି.ଏନ): ପୁରୀରେ ଅନୁଷ୍ଠିତ ହୋଇଯାଇଛି ମହାପ୍ରଭୁଙ୍କ ଚାପ ଖେଳ । ନରେନ୍ଦ୍ର ପୋଖରୀରେ ଏହି ଚାପ ଖେଳ ୨ ଦିନରେ ପହଞ୍ଚିଛି । ଜଗନ୍ନାଥ ସଂସ୍କୃତି ପରମ୍ପରା ବିଧି ଅନୁସାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନ ମୋହନ ମଣି ବିମାନରେ ବିଜେ ହୋଇ ନରେନ୍ଦ୍ର ପୋଖରୀରେ ଚାପ ଖେଳିଥିଲେ । ମହାପ୍ରଭୁଙ୍କ ସହ ଶ୍ରୀରାମ, ଶ୍ରୀକୃଷ୍ଣ, କପାଳମୋଚନ, ଲୋକନାଥ, ମାର୍କଣ୍ଡେଶ୍ୱର, ପଞ୍ଚ ମହାଦେବ ଶ୍ରୀ ଜାମ୍ବେଶ୍ୱର, ନୀଳକଣ୍ଠେଶ୍ୱର ଓ ଶ୍ରୀଦେବୀ, ଭୂଦେବୀ ମଧ୍ୟ ବିମାନ ଓ ପାଲିଙ୍କିରେ ବାହାରି ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚି ମହାପ୍ରଭୁଙ୍କ ସହ ନନ୍ଦା ଓ ଭଦ୍ରାରେ ବସି ଚାପ ଖେଳଥିଲେ ।ତେବେ ଏହା ଭିତରେ ଦେଖା ଦେଇଛି ଅନେକ ବିଭ୍ରାଟ । ନୀତିରେ ଅଧିକ ବିଳମ୍ବ କାରଣରୁ ଉପୁଜିଛି ସମସ୍ୟା । ମହାପ୍ରଭୁ ଦିନରେ ଖେଳିବା ଚାପ ବିଳମ୍ବିତ ରାତିରେ ଖେଳିଛନ୍ତି । ଏମିତି ଲଗାତାର ଦୁଇଦିନ ହେବ ମହାପ୍ରଭୁ ଚାପ ଖେଳୁଛନ୍ତି । ଏ ଦିଗରେ ସେବାୟତ ବା ମନ୍ଦିର ପ୍ରଶାସନର କୌଣସି ଦୃଷ୍ଟି ଦେଉନଥିବା ନଜିର ରହିଛି । ଯଦ୍ଦ୍ୱାରା ମହାପ୍ରଭୁଙ୍କ ପହୁଡ ନୀତି, ବାହୁଡା ନୀତି ବିଳମ୍ବ ହେବା ସହ ଆଜି ଦ୍ୱାର ଫିଟା ନୀତିରେ ମଧ୍ୟ ବିଳମ୍ବ ହୋଇଛି । ପ୍ରାୟ ସବୁଦିନ ଅପେକ୍ଷା ଆଜି ଦ୍ୱାର ଫିଟା ନୀତି ୨ ଘଣ୍ଟା ବିଳମ୍ବରେ ହୋଇଥିବା ଜଣାପଡିଛି ।ଶ୍ରୀମନ୍ଦିର ପରିଚାଳନା ନିୟମାନୁସାରେ ଅକ୍ଷୟ ତୃତୀୟାରେ ରାତି ୩ଟା ରେ ଦ୍ୱାର ଫିଟା ନୀତି, ସକାଳ ୭ଟାରେ ଗୋପାଳ ବଲ୍ଲଭ, ଅପରାହ୍ନ ସାଢେ ୩ରେ ବିମାନକୁ ବିଦିଅଁ ବିଜେ, ୪ଟାରେ ରଥ ଆଜ୍ଞାମାଳ ବିଜେ, ରାତି ୧୦ରେ ଚନ୍ଦନ ଠାକୁରଙ୍କ ବାହୁଡା ବିଜେ ଏବଂ ରାତି ୧୨ଟାରେ ପହୁଡ ବିଜେ ନୀତି ଅନୁଷ୍ଠିତ ହୋଇଥାଏ । କିନ୍ତୁ ପ୍ରଥମରୁ ଏଠି ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ବିଳମ୍ବ ହୋଇଥିବା ନେଇ ଅଭିଯୋଗ ହୋଇଛି । ଚାପ ବିଳମ୍ବ ହେବା ସହ ରାତି ୧ ଟା ୨୫ରେ ଠାକୁର ଶ୍ରୀ ମନ୍ଦିର ବାହୁଡିଥିଲେ ।ସାଢେ ତିନିଟାରେ ରାତି ପହୁଡ ହୋଇଥିଲା ।ସେହିଭଳି ଜଣେ ସେବାୟତଙ୍କ କହିବା ଅନୁସାରେ, ଆଗରୁ ମହାପ୍ରଭୁଙ୍କ ଚାପଖେଳ ଦିନରେ ୪ଟାରୁ ୫ଟା ଭିତରେ ଶେଷ ହେଉଥିଲା । ପରବର୍ତ୍ତୀ ସମୟରେ ରାତିରେ ଚାପ ଖେଳୁ ଥିଲେ ମହାପ୍ରଭୁ । କିନ୍ତୁ ଏବେ ସେହି ପରମ୍ପରାକୁ ଭାଙ୍ଗି ଉଭୟ ଦିନ ଓ ରାତି ଚାପ ମହାପ୍ରଭୁ କେବଳ ରାତିରେ ଖେଳୁଛନ୍ତି ।

## ପୁଣି ଶବକୁ ଅସମ୍ମାନ ! ଟଳିରେ ବୁହା ହେଲା ମୃତଦେହ



ଭୁବନେଶ୍ୱର,୧୨।୫(ପି.ଏନ): ହଜିଗଲା ମାନବିକତା। ମଣିଗଲା ମଣିଷ ପଣିଆ। ପ୍ରାଣ ଯିବା ପରେ ମଧ୍ୟ କେହି ଦେଲେନି ସମ୍ମାନ। ଧଜିଆ ଓଡିଲା ସରକାରଙ୍କ ମାଳମାଳ ଯୋଜନା। ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ବାପାଙ୍କ ଶବକୁ ମିଳିଲାନି କାନ୍ଧ। ଅବସ୍ଥା ଏପରି ହେଲା ଯେ ଶେଷରେ ଉପାୟ ନ ପାଇ ପରିବାର ଲୋକ ଟଳିରେ ମୃତଦେହକୁ ଶ୍ମଶାନକୁ ନେବାକୁ ବାଧ ହୋଇଛନ୍ତି। ଏହି ଘଟଣା ପ୍ରଶାସନର ପାରିବାପଣିଆ ଓ ଅପାରଗତାର ନଗ୍ନ ରୂପକୁ ପଦାରେ ବି ପକାଇ ଦେଇଛି। ଏପରି ଘଟଣା କୌଣସି ଉପାନ୍ତ ଅଞ୍ଚଳର ନୁହଁ, ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନୀତି ଦୂରରେ ଏହା ଘଟିଛି। ବୌଦ୍ଧ ସହରାଞ୍ଚଳରେ ଏକ ବସ୍ତିରେ ଘଟିଥିବା ଏପରି ଘଟଣା ସମସ୍ତଙ୍କୁ ଆନ୍ଦୋଳିତ କରିଛି।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ




ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଣ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଭଦ୍ରକ ମାଟିର ଭୂମୀପୁତ୍ର ବୈରାଗୀ ଯେନା

ସାଂପ୍ରତିକ ରାଜନୈତିକ ଦୃଶ୍ୟପଟ୍ଟରେ ଓଡ଼ିଶାରେ ନେତାମାନଙ୍କର ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଥିବା ବେଳେ ଦୁର୍ନୀତିରେ ଉବୁଟୁବୁ ହୋଇ ଗୁଣ୍ଡାରାଜ ଚଳାଇବା ସହିତ ନାରୀଧର୍ଷଣ, ଗଣହତ୍ୟାରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟର ଛାପ ସୃଷ୍ଟି କରିବାରେ ଆଦୌ ଅବହେଳା କରୁନାହାଁନ୍ତି। ସରକାରୀ ଦଳର ମୁଖିଆ ଘରେ ବସି ରିମୋର୍ଟ ମାଧ୍ୟମରେ ଏକ ନିଷ୍କ୍ରିୟ ସରକାର ଚଳାଉଛନ୍ତି। ଯାହା ପୂର୍ବରୁ କେବେହେଲେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିନଥିଲା। ଜନକଲ୍ୟାଣକାରୀ ରାଷ୍ଟ୍ରରେ ବାଘ ନଥିଲେ ମିରିଗ ନାଟ ଭଳି ଦୃଶ୍ୟ ଏବେ ଦେଖିବାକୁ ମିଳୁଛି। କେତେକ ସଚ୍ଚୋଟ ଜନପ୍ରିୟ ନେତାମାନଙ୍କର ଅନୁପସ୍ଥିତିରେ ଏବେ ତାହା ସମ୍ଭବ ହୋଇପାରିଛି ବୋଲି ମୁଁ ଅନୁଭବ କରୁଛି। ସେମାନଙ୍କ ମଧ୍ୟରୁ ସେହିଭଳି ଜଣେ ଭଦ୍ରକ ମାଟିର କୃତି ସନ୍ତାନ, ଅତ୍ୟନ୍ତ ଗରିବ ପରିବାରର ଦଳିତ ଲୋକାଭିମୁଖୀ ଜନନେତା, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବୈରାଗୀ ଯେନାଙ୍କର ଆଜିର ୨୨ତମ ଶ୍ରାଦ୍ଧବାର୍ଷିକ ଅବସରରେ ଏହି ଅବିସ୍ମରଣୀୟ ଲୋକପ୍ରିୟ ନେତାଙ୍କୁ ହୃଦୟର ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ମନେପକାଇବାରେ ମୋର ଆନନ୍ଦ ଅଟେ।

ତାଙ୍କର ରାଜନୈତିକ ଜୀବନରେ କୌଣସି ଶତ୍ରୁ ତିଆରି କରିନଥିଲେ। ତାଙ୍କର ରାଜନୈତିକ ଶତ୍ରୁ ବି ଏହାକୁ ସ୍ୱୀକାର କରିବାକୁ ବାଧ୍ୟ। ନିତ୍ୟାନ୍ତ ଗରୀବ ହରିଜନ ପରିବାରର ପୁଣି ସୁଦୂର ମଫସଲ ଭଦ୍ରକ ଜିଲ୍ଲାର ବାମନାବିନ୍ଧା ଗ୍ରାମରେ ଜନ୍ମ ହୋଇ ମଧ୍ୟ ନିଜର ପ୍ରଚଣ୍ଡ ପ୍ରତିଭା ପାଇଁ ନିଜକୁ ସେ ସମଗ୍ର ଓଡ଼ିଶାରେ ପ୍ରତିଷ୍ଠିତ କରିପାରିଥିଲେ।

ଭଦ୍ରକ ହାଇସ୍କୁଲ୍‌ରେ ପାଠପଢ଼ା ସାରି ଭଦ୍ରକ କଲେଜରେ ପଢୁଥିବା ବେଳେ ଗାଁରେ ଜମିଦାରମାନଙ୍କ ଦ୍ୱାରା ଶୋଷିତ, ନିଷ୍ପେସିତ ଓ ଅତ୍ୟାଚ଼ରିତ ହେଉଥିବା ଗ୍ରାମବାସୀମାନଙ୍କ ମନରେ ଜନଜାଗରଣ ସୃଷ୍ଟି କରିବାକୁ ଡାକରା ଦେଇଥିଲେ। ସେତେବେଳେ ସେ କହିଥିଲେ, 'ଲାଲ୍ ଝଣ୍ଡା ଧରି-ଲାଲ ଶିରିପା ଭିଡ଼ି ଲାଲ ଫୌଜ ଚ଼ଲରେ'। ଗାଁର ଶ୍ମଶାନ ଓ ଗୋଚର ଜମିକୁ ଗାଁ ଜମିଦାରମାନେ ଜବରଦସ୍ତ ଦଖଲ କରି ନେଉଥିବା ବେଳେ ତା'ର ପ୍ରତିବାଦରେ ଗାଉଥିଲେ, 'ଆମରି ଗାଁର ଶ୍ମଶାନ ଭୂଇଁ, ସଇତାନ ତୁମେ ପାରିବନି ଛୁଇଁ।'

ଏଭଳି ଏହି ପ୍ରତିଭାବାନ ବ୍ୟକ୍ତିଙ୍କୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ସେତେବେଳେ ଚିହ୍ନି ପାରିଥିଲେ। ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୬୧ରେ କଂଗ୍ରେସରେ ଯୋଗ ଦେଇଥିଲେ ଓ ଚ଼ନ୍ଦବାଲିରୁ ଓଡ଼ିଶା ବିଧାନସଭାକୁ ବିପୁଳ ମାତ୍ରାରେ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ୧୯୬୭ରେ ପ୍ରବଳ କଂଗ୍ରେସ ବିରୋଧୀ ଜନମତରେ ବିଜୁ ପଟ୍ଟନାୟକ ଓ ନୀଳମଣି ରାଉତରାୟଙ୍କ ସମେତ ସେ ମଧ୍ୟ ପରାଜିତ ହେଲେ।

୧୯୭୧ ଇନ୍ଦିରା ଗାନ୍ଧୀଙ୍କ ଗରୀବ ହଟାଓ ସ୍ଲୋଗାନରେ ବିଜୁ ପଟ୍ଟନାୟକ ପାଞ୍ଚୋଟି ବିଧାନସଭା ଆସନରୁ ଓ ଦୁଇଟି ଲୋକସଭା ଆସନରୁ ପରାଜିତ ହୋଇଥିବା ବେଳେ ସେଥିରେ ମଧ୍ୟ ବୈରାଗୀ ଯେନା ଚ଼ନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଉତ୍କଳ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ଗଙ୍ଗାଧର ଦାସଙ୍କଠାରୁ ହାରିଥିଲେ।



୧୯୭୪ ମସିହାରେ ସ୍ୱର୍ଗତଃ ଡଃ ମହତାବ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ରବି ରାୟ ଆଦି ନେତାମାନେ ବିଜୁ ପଟ୍ଟନାୟକଙ୍କ ସହିତ ମିଳିତ ହୋଇ "ପ୍ରଗତି ଦଳ" ଗଠନ କରାଗଲା। ସେତେବେଳେ ଜବାବ ମୁତାବକ ଗଙ୍ଗାଧର ଦାସଙ୍କୁ ପ୍ରଗତି ଦଳରୁ ଚ଼ନ୍ଦବାଲି ପାଇଁ ଟିକେଟ ଦିଆଗଲା। ତେବେ, ବୈରାଗୀ ଯେନା ଦଳର ବିଶ୍ୱସ୍ତ ଓ ଶୃଙ୍ଖଳିତ ନିମିତ୍ତମାତ୍ର ସୈନିକ ଭାବରେ ସାମାନ୍ୟତମ ପ୍ରତିବାଦ ମଧ୍ୟ କଲେ ନାହିଁ। ବର୍ତ୍ତମାନର ମନ୍ତ୍ରୀ ରାଜା ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଆଦି ତତ୍କାଳୀନ ନେତାମାନଙ୍କ ପ୍ରଚେଷ୍ଟା ଫଳରେ ବୈରାଗୀ ଯେନା ଅନ୍ୟ ଏକ ଭଣ୍ଡାରୀପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ "ପ୍ରଗତି ଦଳ"ରୁ ପ୍ରାର୍ଥୀ ହୋଇ ବିପୁଳ ଭୋଟରେ ବିଜୟ ହାସଲ କରିଥିଲେ। ଏହାପୂର୍ବରୁ ଭଦ୍ରକ ପୌର ନିର୍ବାଚନରେ ପ୍ରାର୍ଥୀ ହୋଇ ଜିତିଥିଲେ। ସେଥିପାଇଁ କୁହାଯାଏ ପ୍ରହ୍ଲାଦ ମଲିକ, ଲକ୍ଷ୍ମଣ ମଲିକ ଓ ବୈରାଗୀ ଯେନା ଦଳିତ ବ୍ୟକ୍ତିତ୍ୱ ହୋଇଥିଲେ ମଧ୍ୟ ନିଜ ରାଜନୈତିକ ପ୍ରତିଭା ପାଇଁ ସର୍ବଜନଆଦୃତ ଥିଲେ।

୧୯୭୭ ଜନତା ପାର୍ଟି ଟିକେଟରେ ଭଦ୍ରକ ଲୋକସଭା (ସଂରକ୍ଷିତ) ଆସନରେ ବିପୁଳ ଜନସମର୍ଥନ ପାଇ ନିର୍ବାଚିତ ହେଲେ। ୧୯୮୦ ଓ ୧୯୮୫ରେ ଚ଼ନ୍ଦବାଲି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ପରାଜିତ ହେଲେ।

ପୁଣି ୧୯୯୦ରେ ବିଜୁ ପଟ୍ଟନାୟକଙ୍କର ଅତିପ୍ରିୟ ଦଳିତ, ନିଷ୍ପେସିତ ବ୍ୟକ୍ତିତ୍ୱ ଭାବରେ "ଜନତା ଦଳ" (ଚକ୍ର ଚିହ୍ନ) ଟିକେଟରେ ଲଢ଼ି କଂଗ୍ରେସ ପ୍ରାର୍ଥୀ ନେତ୍ରାନନ୍ଦ ମଲିକଙ୍କୁ ହରାଇ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ଏହି ବିଭାଗକୁ ପରିବର୍ତ୍ତନ କରି ବିଜୁ ପଟ୍ଟନାୟକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦେଇଥିଲେ। ସମ୍ପୃକ୍ତ ଏହି ନିର୍ବାଚନରେ ବୈରାଗୀ ଯେନା ପ୍ରାର୍ଥୀ ହେବେନାହିଁ ବୋଲି କହି ବିଜୁବାବୁଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବିଜୁ ପଟ୍ଟନାୟକ ସେତେବେଳେ ବିରକ୍ତି ଭାବରେ କାହିଁକି ମନାକରୁଛ ବୋଲି ପଚ଼ରିବାରେ ବୈରାଗୀ ଯେନା ମୋ ପାଖରେ ଟଙ୍କା ଖର୍ଚ୍ଚ କରିବା ପାଇଁ ସମ୍ବଳ ନାହିଁ ବୋଲି ରୋକଠୋକ ଶୁଣାଇଥିଲେ। ବିଜୁ ପଟ୍ଟନାୟକ କହିଲେ କେତେ ଟଙ୍କା ହେଲେ ତୁମେ ଜିତିପାରିବ? ଉତ୍ତର ଥିଲା ସାର୍ ମାତ୍ର ପାଞ୍ଚ ସାତ ଲକ୍ଷ ମଧ୍ୟରେ ହେଲେ ମୁଁ ଜିତିପାରିବି। ବିଜୁ ପଟ୍ଟନାୟକଙ୍କର ବିଶାଳ ହୃଦୟକୁ ସେତେବେଳେ ବୈରାଗୀ ଯେନା ଚିହ୍ନି ପାରିଥିଲେ। ବିଜୁ ପଟ୍ଟନାୟକ ବିରକ୍ତି ଭାବରେ କହିଲେ ନୋ ନୋ ଏତିକିରେ ଜିତିପାରିବ ନାହିଁ। ମୁଁ ୧୨ ଲକ୍ଷ ଟଙ୍କା ଦେବି, ତୁମେ ଜିତିଲେ ମନ୍ତ୍ରୀ ହେବ, ଯାଅ। ମୁଁ ସେହି ସମୟରେ ବୈରାଗୀ ଯେନାଙ୍କ ସହିତ ଯାଇଥାଏ। ମୁଁ ଅବଶ୍ୟ ତଳେ ଥାଏ। ବିଜୁବାବୁଙ୍କ ରୋଷେଇଆ ସ୍ୱର୍ଗତଃ ଖଇରାତି ଭାଇ ସହିତ ସକାଳୁଆ ଚ଼ ପିଉଥାଏ। ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା କରି ଫେରିବା ପରେ ପ୍ରାର୍ଥୀ ହେବା ପାଇଁ ନିଷ୍ପତ୍ତି ନିଆଗଲା। ସେହି ସମୟରେ ବୈରାଗୀ ଯେନା ପ୍ରାର୍ଥୀ ହୋଇ ଜିତିଲା ପରେ ମନ୍ତ୍ରୀ ହେଲେ ସତ କିନ୍ତୁ ଦୁର୍ଭାଗ୍ୟର କଥା- କେତେକ ସ୍ୱାର୍ଥାନ୍ୱେଷୀ, ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ଶିକାର ହୋଇ ସରଳ, ନିଷ୍କପଟ ଓ ଅଳ୍ପକେରେ ସନ୍ତୁଷ୍ଟ ଦରିଦ୍ର ମଣିଷଟି ଅଯଥା ବଦନାମର ବୋଝ ମୁଣ୍ଡାଇଲେ। ଅନ୍ୟମାନେ ପଣସ ଖାଇ ତାଙ୍କ ମୁଣ୍ଡରେ ଅଠା ବୋଳିଲେ। ତାଙ୍କୁ ବଦନାମ କଲେ ବୋଲି ଏକଥା କେବଳ ବିଜୁ ପଟ୍ଟନାୟକ ନୁହେଁ, ସାଧାରଣ ଲୋକମାନେ ମଧ୍ୟ ହୃଦୟଙ୍ଗମ କଲେ। ତାଙ୍କର ପାଖ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି କରି ଖାଇଗଲେ। ବୈରାଗୀ ଯେନା ଯେଉଁ ବୈରାଗୀ ସେହି ବୈରାଗୀ ଭାବରେ ଜୀବନ ଗଲା। ୧୯୯୫ରେ ଅଞ୍ଚିଛୁରୀ ତଣ୍ଟି କାଟିଲା ପରି ଚକ୍ରାନ୍ତ କରାଗଲା ଓ ସେ ପୁଣି ପରାସ୍ତ ହେଲେ। ତା'ପରେ ଆସିଗଲା ବିପର୍ଯ୍ୟସ୍ତ। ଦୀର୍ଘଦିନର ରାଜନୈତିକ ଜୀବନରେ ସେ ବହୁ କଷ୍ଟ ଓ ଅଯଥାରେ ଶତ୍ରୁ ସୃଷ୍ଟି କରିଥିଲେ।

ଯେଉଁମାନେ ସୁଦିନରେ ତାଙ୍କ ପାଖରେ ମାଳ ମାଳ ହୋଇ ବୁଲୁଥିଲେ ସେମାନେ ତାଙ୍କ ପାଖ ବି ମାଡ଼ିଲେ ନାହିଁ। ଏହି ନିଃସ୍ୱାର୍ଥପର ବ୍ୟକ୍ତିଟି ନିଜର ବାସସ୍ଥାନ ପାଇଁ ଭିଟାମାଟିରେ ଖଣ୍ଡିଏ ପକ୍କା ଘର ତ' ଦୂରର କଥା, ଖଣ୍ଡେ ମାଟି ଘର ବି କରିପାରି ନଥିଲେ। ୧୯୭୭ ମସିହାରେ ମନ୍ତ୍ରୀ ସ୍ୱର୍ଗତଃ ନଟବର ପ୍ରଧାନଙ୍କ ଦାନ ଓ ପ୍ରଚେଷ୍ଟାରେ ଯେଉଁ ଘର ଖଣ୍ଡିଏ କରିଥିଲେ ତାହା ମଧ୍ୟ ତାଙ୍କ ନିଜ ନାମରେ ନଥିଲା। ଏପରିକି ଭଦ୍ରକ ଟାଉନ କିମ୍ବା ତିହିଡ଼ି ବଜାରରେ ଖଣ୍ଡେ ଜାଗାଟିଏ ବି କିଣିପାରି ନଥିଲେ। ଭଦ୍ରକ ସହରଠାରୁ ଆଠ କିଲୋମିଟର ଦୂରରେ ୯୫ ଡ଼ିସିମିଲ ଜାଗା କିଣି କୁଡ଼ିଆ ଘର କରି ରହୁଥିଲେ। ପୁରୁଣା ଆମ୍ବାସାଡ଼ର କାର୍ କିଣିଥିଲେ ୨୫ ହଜାର ଟଙ୍କା ଦେଇ ଯାହା ମନ୍ତ୍ରୀ ଥିଲାବେଳେ। ଟି.ଏ.ରୁ ସମୁଦାୟ ଟଙ୍କା ଶୁଝିପାରି ନଥିଲେ। ସରକାର ଗଲା ପରେ ଭଡ଼ାରେ ଚଳାଇ ପେଟ ପୋଷିବା ପାଇଁ ତାହା ଏକମାତ୍ର ସମ୍ବଳ ଥିଲା। ଶେଷରେ ତାକୁ ବି ବିକ୍ରି କରି କିଛିଦିନ ଚଳିଲେ। ଭଣ୍ଡାରୀପୋଖରୀ ବଜାରରେ ୭୨୨୭ ଗାଡ଼ି ନମ୍ବର ଭଡ଼ା ପାଇଁ ଠିଆ ହୋଇଥିବା ବେଳେ ମୁଁ ଦେଖିଲେ ଛାତି ଫାଟିଯାଏ। ଏତେଦିନର ରାଜନୈତିକ ଜୀବନରେ ଗୋଟିଏ ପୁଅକୁ ବି ଚ଼ାକିରୀ ଖଣ୍ଡିଏ ଦେଇପାରିଲେ ନାହିଁ ବା ବେପାର କରିବା ପାଇଁ ଗୋଟିଏ ଟଙ୍କା ମଧ୍ୟ ଯୋଗାଇ ପାରିଲେ ନାହିଁ। ସତରେ ମଝି ଦରିଆରେ ଭସାଇ ପିଲାଗୁଡ଼ିକୁ ଛାଡ଼ି ଚ଼ାଲିଗଲେ। ସାରା ଜୀବନ ନିଜେ ଜଳି ଅନ୍ୟକୁ ଆଲୋକ ଦେବାରେ ଅଭ୍ୟସ୍ତ ଲୋକଟା। କ୍ଷମତା ପାଇଲାମାତ୍ରେ କିଛି ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ଶିକାର ହୋଇଯାଆନ୍ତି। କ୍ଷମତା ଚ଼ାଲିଗଲା ପରେ ଯେଉଁ ଏକାକୁ ସେହି ଏକୁଟିଆ। ପୁଣି କ୍ଷମତାକୁ ଆସେ, ପୁଣି ସେଇମାନେ ଆସନ୍ତି। ପୁଣି କ୍ଷମତା ଯାଏ, ସେମାନେ ଦୂରେଇ ଯାଆନ୍ତି। ଗଲାଦିନର ଅଭିଜ୍ଞତାରୁ କିଛି ଶିକ୍ଷା ପାଇଲା ପରି ମନେହେଉ ନ ଥିଲା। "ବାୟା ଚଢ଼େଇର କି ଯାଏ, ବାଆ ହେଲେ ବସା ଦୋହଲୁଥାଏ" ପରି ସେ ନିର୍ବିକାର ବୈରାଗୀଟିଏ ଥିଲେ। ତାଙ୍କର ବଡ଼ପୁଅ ଅମୂଲ୍ୟ ଭାଇ ଦିନେ କହିଥିଲେ, ଭଗବାନଙ୍କୁ ଡ଼ାକୁଛି ମୋର ପିତା ଆଉ ପୁନର୍ଜନ୍ମ ଲାଭ ନ କରନ୍ତୁ। ଯଦି ବା ପୁଣି ଜନ୍ମ ନିଅନ୍ତି, ତେବେ ଏହିଭଳି ବରଡ଼ା ଛତା ଧରି ବୈରାଗୀ ହୁଅନ୍ତୁ। ସଂସାର ନ କରନ୍ତୁ। ମଣିଷ ତ ଭୁଲ୍ କରେ। ସତେ ଯେମିତି ଭୁଲ୍ କରିବାକୁ ମଣିଷ ଜନ୍ମ ହୁଏ। ମଣିଷ କ'ଣ? ଦେବତା ବି ମଣିଷ ଦେହ ଧରି ଜନ୍ମ ହେଲେ ଭୁଲ୍ କରନ୍ତି। ଅବଶ୍ୟ ସମାଜକୁ ସେଥିରୁ କିଛି ଶିକ୍ଷା ମିଳେ। ସେ ଗଲେ ମୁଁ ବି ଯିବି, କିନ୍ତୁ ବୈରାଗୀ ଯେନାଙ୍କ ସାଧାରଣ, ପାରିବାରିକ ଓ ରାଜନୈତିକ ଜୀବନରୁ ବହୁତ ଆଦର୍ଶ ଶିକ୍ଷା ଲାଭ କରିବାର ଓ ସାବଧାନ ହେବାର ଆବଶ୍ୟକତା ରହିଛି ବୋଲି ମୁଁ ଅନୁଭବ କରୁଛି।


# ସକଳ ତୀର୍ଥ ତୋ ଚରଣେ...

ଇସଲାମର ପାଂଚଗୋଟି ମୌଳିକ ନୀତି ମଧ୍ୟରୁ ହଜ ଅନ୍ୟତମ। ହଜ୍ ଏକ ସୁସ୍ଥ ପରମ୍ପରା, ନିର୍ମଳ ଓ ଶୁଦ୍ଧପୂତ ଉପାସନା। ହଜ କରିବା ପାଇଁ ସୁସ୍ଥବାନ ହେବା, କୌଣସି ଭୟର ଶଂକା ନରହିବା, ଯାତ୍ରାରେ କୌଣସି ବାଧାବିଘ୍ନ ନ ଉପୁଜିବା ତଥା ପରିବାରବର୍ଗଙ୍କ ପ୍ରତି ଥିବା ଦାୟିତ୍ୱ ଓ କର୍ତ୍ତବ୍ୟକୁ ପୂରଣ କରି ହଜ କରି ଯିବା ଉଚିତ୍। ପବିତ୍ର କୋରାନ ଅନୁସାରେ ମକ୍କା ସହରର କାବା ଉପାସନ ଗୃହ ଅଲ୍ଲାଃଙ୍କ ପାଇଁ ପୃଥିବୀପୃଷ୍ଠର ସର୍ବପ୍ରଥମ ଉପାସନା ଗୃହ ନିର୍ମିତ ହୋଇଥିଲା। ଏହା ପୁରାଣବର୍ଣ୍ଣିତ ଆଦ୍ୟ ଅବତାର 'ଆଦିତି' ବା ଆଦମଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା ଏବଂ ତାଙ୍କ ବଂଶଧରମାନେ ଏହାକୁ ଏକ ଉପାସନା କେନ୍ଦ୍ର ଭାବରେ ବ୍ୟବହାର କରିଥିଲେ। ପରେ ପ୍ରାୟ



୪୦୦୦ ବର୍ଷ ପୂର୍ବେ ହଜରତ ଇବ୍ରାହମ ନିଜ ପୁତ୍ର ଇସମାଇଲଙ୍କ ସହାୟତାରେ ଏହି ଗୃହର ଧ୍ୱଂସାବଶେଷର ପୁନଃନିର୍ମାଣ କରିଥିଲେ। ଷଷ୍ଠ ଶତାବ୍ଦୀରେ ହଜରତ ପୈଗମ୍ବର ମୁହମ୍ମଦ ସଲ୍ଲମ ସମୟ କାଳରେ ଅଲ୍ଲାଃଙ୍କ ନିର୍ଦ୍ଦେଶକ୍ରମେ ପୁନର୍ବାର ଏହାକୁ ଉଦ୍ଧାର କରି ଏକେଶ୍ୱରବାଦର ଉପାସନା କରାଯାଇଥିଲା। ଆଦିମ ମାନବ ଜାତିର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ସମୂହକୁ ପୁନଶ୍ଚ ଏକତା ଓ ବିଶ୍ୱ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରିଥିଲେ। ହଜରତ ମୁହମ୍ମଦ ସଲ୍ଲମଙ୍କ ପରେ କାଳକ୍ରମେ ଇସଲାମର ଖଲିଫାଗଣ ଏବଂ ତାଙ୍କ ପରେ ମୁସଲମାନ ଶାସକମାନଙ୍କ ସେବା ଓ ଶାସନ ଦ୍ୱାରା ମକ୍କା ଏକ ସୁନ୍ଦର ଓ ଖୁବ ମନୋରମ ସହର ଭଳି ଗଢ଼ି ଉଠିଥିଲା।

ପବିତ୍ର କୋରାନ ଶିକ୍ଷା ଅନୁଯାୟୀ ହଜ୍ କରିବା କେବଳ ମୁସଲମାନମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇନାହିଁ। ବରଂ ଯେକେହି ବ୍ୟକ୍ତି, ସେ ଯେକୌଣସି ଧର୍ମାବଲମ୍ବୀ ହୋଇଥାଉ ନା କାହିଁକି, ସେହି ପୂଣ୍ୟପୀଠରେ ଦର୍ଶନ କରିବାକୁ ଇଚ୍ଛା କଲେ ସେ ସେଠାକୁ ଯିବାପାଇଁ ଅନୁମତି ପାଇପାରିବ। ଇସଲାମ ସାର୍ବଜନୀନ ଧର୍ମ ଏବଂ ହଜ ମଧ୍ୟ ସାର୍ବଜନୀନ ଉପାସନା। ଏହା କୌଣସି ଜାତି, ଧର୍ମର ଭେଦଭାବ ରଖେନାହିଁ। ପୂର୍ବରୁ ଇହୁଦି ଓ ଜୋରାଷ୍ଟ୍ରିୟାନ ଆଦି ଧର୍ମାବଲମ୍ବୀ ସେଠାକୁ ଯାଇ ହଜ କରୁଥିଲେ। ପବିତ୍ର କୋରାନ କୁହେ, "ସର୍ବ ପ୍ରଥମ ଗୃହ, ଯାହା ସମସ୍ତଙ୍କ ଲାଭ ପାଇଁ ନିର୍ମାଣ କରାଯାଇଛି, ତାହା ମକ୍କାରେ ଅବସ୍ଥିତ। ଏହି ଗୃହ ସମଗ୍ର ଜଗତ ପାଇଁ କଲ୍ୟାଣଦାୟକ ସ୍ଥାନ ଓ ସତ୍‌ପଥର ଉତ୍ସ। ଯେ କେହି ଏଥିରେ ପ୍ରବେଶ



କରେ ସେ ସୁରକ୍ଷିତ ହୋଇଯାଏ। ଅଲ୍ଲାଃ ସେମାନଙ୍କ ପାଇଁ ଏହି ଗୃହକୁ ହଜ ଯାତ୍ରାରେ ଆସିବା ବିଧେୟ କରିଛନ୍ତି।"

ଏହି ଉପାସନା ଗୃହ କାବାକୁ ଆରବୀ ଭାଷାରେ 'ବୈତୁଲ୍ଲାଃ' ବା ଅଲ୍ଲାଃଙ୍କ ଘର କୁହନ୍ତି। ଏହାର ଗଠନ ଶୈଳୀ ଅତି ସାଧାରଣ। ଚାରିକୋଣିଆ ବର୍ଗାକାର ପଥର ଘରଟିଏ। ଉଚ୍ଚତା ୧୫.୨୫ ମିଟର। ଏହି ଶାଶ୍ୱତ ବାଣୀ ମାଧ୍ୟମରେ ଅଲ୍ଲାଃ ଘୋଷଣା କରିଛନ୍ତି, ସାର୍ବଜନୀନ ଭାବେ ଯେ କେହି ଏହି ବୈତୁଲ୍ଲାଃର ଦର୍ଶନ ଲାଭ କରିବାକୁ ଆସିବ, ସେ ଶାନ୍ତି ଓ ନିରାପତ୍ତା ବଳୟ ମଧ୍ୟରେ ଆସିଯିବ। ମନରେ ଆତ୍ମଗ୍ଲାନୀ ବା ପୂର୍ବକୃତ ପାପର ଅନୁଶୋଚନା ରହିବ ନାହିଁ। ଯେ କେହି ବି ସେହି ପୀଠର ପରିକ୍ରମା କରିବ, ସେ ଦିବ୍ୟଶକ୍ତି ପ୍ରାପ୍ତ ହେବ। ଏହି ମହିମା ପୀଠ ମକ୍କା ସହରକୁ ଉମ୍ମୁଲ୍ କୁରା ଅର୍ଥାତ୍ ସହରର ମାଁ କୁହାଯାଏ। ଏହା ପୃଥିବୀର ଏପରି ଏକ ପବିତ୍ର ସ୍ଥାନ, ଯେଉଁଠାରେ ଅହର୍ନିଶୀ ଚବିଶ ଘଂଟା ଉପାସନା କରାଯାଉଛି। ପୃଥିବୀପୃଷ୍ଠରେ ଅସଂଖ୍ୟ ପୁରାତନ କୀର୍ତି ଓ ସହର ନିଶ୍ଚିହ୍ନ ହୋଇଯାଇଥିଲେ ମଧ୍ୟ କାବା ଓ ମକ୍କା ସହର ଅଦ୍ୟାବଧି ସେହିପରି ବିଦ୍ୟମାନ ଥାଇ ନିଜ ନିରାପତ୍ତାର ଘୋଷଣା କରୁଛି।

ଇସଲାମୀୟ ଦର୍ଶନ ଅନୁଯାୟୀ ମସଜିଦରେ ଅନ୍ୟ ଯେକୌଣସି ଧର୍ମାବଲମ୍ବୀ ଲୋକେ ନିଜ ପଦ୍ଧତିରେ ଉପାସନା କରିପାରିବେ। କାରଣ ଦିବ୍ୟ ଅବତାର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ମଦିନାର ଏକ ମସଜିଦରେ ଇହୁଦିଙ୍କୁ ଉପାସନା କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହି କାରଣରୁ ପରମେଶ୍ୱର ଧର୍ମ ସଂକୀର୍ଣ୍ଣତାକୁ ପରିହାର କରି ସମଗ୍ର ମାନବ ଜାତି ପାଇଁ ହଜ ଯାତ୍ରାକୁ ସାଧାରଣ କରିଦେଇଛନ୍ତି। ପବିତ୍ର



କୋରାନରେ 'ସକଳ ମାନବ' କହି ସବୁ ଲୋକଙ୍କ ପାଇଁ ସେ ଉପାସନା ଗୃହ ଉନ୍ମୁକ୍ତ ବୋଲି କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ କି ଯେ, ସାମ୍ପ୍ରଦାୟିକତା ଓ ମୌଳବାଦକୁ ସମାପ୍ତ କରି ପବିତ୍ର କୋରାନ ଶିକ୍ଷା ଦୃଷ୍ଟିରୁ କାବାର କଲ୍ୟାଣ, ହଜ୍‌ର ଉଦ୍ଦେଶ୍ୟ ତଥା ମହତ୍ତ୍ୱକୁ ଜନସାଧାରଣଙ୍କ ହିତ ପାଇଁ ପ୍ରଚଳନ କରିବା ଉଚିତ। ଅଯଥା କଟକଣା ଲାଗୁ କରିବା ଏବଂ ହଜ୍ ପରି ମହାପୂଣ୍ୟ କାର୍ଯ୍ୟରେ ପ୍ରତିବନ୍ଧ ସୃଷ୍ଟି କଲେ ମାନବିକତା କ୍ଷୁର୍ଣ୍ଣ ହେବ। ସେ ଗୃହର ପ୍ରାଣକେନ୍ଦ୍ର ସମଗ୍ର ଜୀବଜଗତ ପାଇଁ ଚରମୋନ୍ନତିର ମାର୍ଗସ୍ଥଳୀ - ଈଶ୍ୱରଙ୍କ କରୁଣାର ଉତ୍ସ। ହଜ୍‌ର ମହାନ ପରମ୍ପରା ନିଶ୍ଚିତ ଭ୍ରାତୃତ୍ୱର ବନ୍ଧନରେ ବିଶ୍ୱକୁ ପରିବେଷ୍ଟନ କରି 'ବସୁଧୈବ କୁଟୁମ୍ବକମ'ର ଭାବ ଉଦ୍ରେକ କରିବାରେ ସହାୟକ ହେବ। ମଦିନାବାସୀଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କର 'ସଲାମ'ର ବାର୍ତା ବହନ କରି ଯାଇଥିବା ହାଜୀମାନଙ୍କୁ ସେଠାରୁ ସର୍ବକୁଶଳରେ ନିରାପଦ ସହ ଫେରାଇ ଆଣନ୍ତୁ। ସେମାନଙ୍କ ଯାତ୍ରା ମଙ୍ଗଳମୟ ହେଉ। ଏହା ହିଁ ଆମର ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା!

# ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀର ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ଉଦଯାପିତ



କେନ୍ଦ୍ରାପଡ଼ା (ପିଏନ୍): ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀ ଦ୍ୱାରା କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଗତ ମାସ ୭ତାରିଖରୁ ଆରମ୍ଭ ହୋଇଥିବା ୧୦ ଦିନିଆ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ୮୬ଜଣ ଶିକ୍ଷାର୍ଥୀ ଯୋଗଦେଇ ପ୍ରଶିକ୍ଷକଙ୍କଠାରୁ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ନଗରପାଳ ସରିତା ସାହୁ ଯୋଗଦେଇ କୃତି କ୍ରୀଡାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। କେନ୍ଦ୍ରାପଡାର ପିଲାମାନଙ୍କ ଭିତରେ ବିଭିନ୍ନ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ନୂତନ ଯୁବ କ୍ରୀଡାବିତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଭବିଷ୍ୟତରେ ଜଣେ ଜଣେ ସଫଳ କ୍ରୀଡାବିତ ସୃଷ୍ଟି କରିବା ଏହି ପ୍ରଶିକ୍ଷଣର ଲକ୍ଷ୍ୟ ବୋଲି କୋଚ ସୌକତ ଖାନ କହିଥିଲେ। ସମ୍ମାନୀତ ଅତିଥି ଭାବେ କାଉନସିଲର ସେକ ଅସଲମ ଯୋଗଦେଇଥିଲେ। କୋଚ ସସ୍ମିତା ପଣ୍ଡା, ମନୋଜ ସାହୁ, ଜ୍ୟୋତିର୍ମୟ ଦାସ, ସେକ ଆବାସ, ବଦ୍ରୀନାରାୟଣ ପତି ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ କୋଚ ସେକ ସୌକତ ଖାନ୍ ପ୍ରଶିକ୍ଷାର୍ଥୀମାନଙ୍କୁ କ୍ରୀଡାର ଭିନ୍ନ ଭିନ୍ନ କୌଶଳ ଓ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ବୁଦ୍ଧିଜୀବୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୌକତ ଖାନ ପରିଚାଳନା କରିଥିଲେ।

# ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସାଂସ୍କୃତିକ ସଂସଦର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ଇନ୍ଦୁପୁର ସରକାରୀ ହାଇସ୍କୁଲର ପୁରାତନ ଛାତ୍ର ସାଂସ୍କୃତିକ ସଂସଦ ଓ ଇନ୍ଦୁପୁର ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଉଦ୍‌ଘାଟକ, ପୂର୍ବତନ ସାଂସଦ ତଥା କଟକ ମହାନଗର ନିଗମର ମେୟର ସୁବାଷ ଚନ୍ଦ୍ର ସିଂ ମୁଖ୍ୟ ଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଇନ୍ଦୁପୁର ଉଚ୍ଚ ବିଦ୍ୟାବିଦ୍ୟାଳୟ ଏକ ପୁରାତନ ଶିକ୍ଷାନୁଷ୍ଠାନ ରୂପେ କେବଳ କେନ୍ଦ୍ରାପଡା ଜିଲ୍ଲାରେ ନୁହେଁ ସାମଗ୍ର ରାଜ୍ୟରେ ତା'ର ସ୍ୱତନ୍ତ୍ରତା ପ୍ରତିପାଦନ କରିପାରିଛି ବୋଲି ମତବ୍ୟକ୍ତ କରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଐତିହ୍ୟ ଓ ଗାରିମାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପରେ ପ୍ରାକ୍ତନ ସଭାପତି ପରିକ୍ଷୀତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ପରିଚାଳନା ସଦସ୍ୟ ପର୍ଶୁରାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦ ସମ୍ପାଦକ ଶିକ୍ଷାବିତ ପ୍ରଣବ କୁମାର ଜେନା ସମ୍ପାଦକୀୟ ବୀବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ବିବିଧ ସମସ୍ୟା ଉପସ୍ଥାପନା କରିବା ସହ ବିଧାୟକ ଏବଂ ମେୟରଙ୍କୁ ଏହାର ସମାଧାନ ପାଇଁ ନିବେଦନ କରିଥିଲେ। ସଂସଦର ସଭାପତି ପ୍ରଫେସର ଶ୍ରୀବତ୍ସ ଲାଞ୍ଛନ ଜେନା ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ସଂସଦର ପ୍ରାକ୍ତନ ସଭାପତି ତଥା ପୁରାତନ ଛାତ୍ର ଡା. ବିର ନାରାୟଣ ଜଗଦେବ ଓ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ ବିଦ୍ୟାଳୟର ପୂର୍ବ ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ବିଦ୍ୟାଳୟରେ ଯୋଗ ଶିକ୍ଷା କେନ୍ଦ୍ର ଖୋଲି ପିଲାମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଯୋଗଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ବିଦ୍ୟାଳୟରେ ଏକ ସାଇକେଲ ଷ୍ଟାଣ୍ଡ ସ୍ଥାପନା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥରଲେ। ଏହି ଅବସରରେ ସୁନାମଧନ୍ୟ ପ୍ରାକ୍ତନ ଶିକ୍ଷକ ଧନେଶ୍ୱର ପାଢୀଙ୍କୁ 'ଶିକ୍ଷକ ଗୌରବ ସମ୍ମାନ-୨୦୨୨"ରେ ସମ୍ମାନୀତ କରାଯାଇଥିବା ବେଳେ ଅବସରପ୍ରାପ୍ତ ପ୍ରଶାସକ ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ 'ଛାତ୍ର ଗୌରବ ସମ୍ମାନ-୨୦୨୨' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ସଫଳ ଛାତ୍ରଛାତ୍ରୀଙ୍କ ସମେତ ଆଖପାଖ ୧୦ରୁ ଉର୍ଦ୍ଧ୍ୱ ହାଇସ୍କୁଲର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର ଟପରମାନଙ୍କୁ ଆର୍ଥିକ ରାଶ. ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୂରଲୀଧର ବିଶ୍ୱାଳ ଓ ଚନ୍ଦନ କୁମାର ସାହୁ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ମାନପତ୍ର ପାଠ କରିଥିବା ବେଳେ ପ୍ରାକ୍ତନ ଛାତ୍ର ଚିର ରଞ୍ଜନ ରାଉତ, ଶିକ୍ଷକ ସିଦ୍ଧାର୍ଥ ଶଙ୍କର ଜେନା ଓ ନରେଶ ମହାନ୍ତି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ଶହ ଶହ ପ୍ରାକ୍ତନ ଛାତ୍ରଛାତ୍ରୀ, ବିଭିନ୍ନ ପ ।ୟତର ଜନ ପ୍ରତିନିଧି, ୫ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, ୮ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ସଂସଦର ସହ ସମ୍ପାଦକ ତଥା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବିଜେଡି ନେତ୍ରୀ ଜ୍ୟୋସ୍ନାମୟୀ ପରିଡା, ସରପ ପ୍ରଦୀପ୍ତରଞ୍ଜନ ସୂତାର, ସମିତି ସଭ୍ୟା ସୁନନ୍ଦା ମଲିକ, ପରିବେଶବିତ କାଶୀନାଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଦେବେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ସିଂହ, ପ୍ରମୋଦ କୁମାର ପତି, ଶଶୀଭୂଷଣ ପଣ୍ଡା, ଦିଲ୍ଲିପ କୁମାର ଥାଟୋଇ, ପ୍ରକାଶ ଜେନା, ବିଜୟ ସାହାଣୀ, ମଦନ ସ୍ୱାଇଁ, ଗୌରାଙ୍ଗ ସାହୁ, ପ୍ରଦିପ କୁମାର ଦାସ, ଦେବାଶିଷ ସାମଲ, ଦୁଷ୍ମନ୍ତ କୁମାର ମଲିକ, ସେକ ମୋଇବୁରରବ୍, ଶିକ୍ଷକ ପ୍ରଦିପ କୁମାର ପୃଷ୍ଟି, ଗଜେନ୍ଦ୍ର ସ୍ୱାଇଁ, ଅନୁ ପମାନିକ, ସର୍ବେଶ୍ୱର ରଣା, ଶିକ୍ଷିକା ଆରତୀରଞ୍ଜନା ନାୟକ, ବିଷ୍ଣୁପ୍ରିୟା କର, ବନଲତା ପରିଡା, ବନ୍ଦିତା ସ୍ୱାଇଁ, ଚିନ୍ମୟୀ ବାରିକ, କବିତା ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶ୍ରୀବତ୍ସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଥପଲ୍ଲୀ ରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପି.ଏନ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବନ୍ଥପଲ୍ଲୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ କାମିନୀ ନାୟକ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ବିପ୍ଳବ ପାତ୍ର, କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ଏଥିରେ ସମ୍ମାନିତ ଅତିଥି ରୂପେ ୯ନଂ ଜୋନ ଜିଲ୍ଲା ପରିଷଦ ମମତା ଦାସ ,୮ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଶିବାନୀ ସେଠି, ସମିତି ସଭ୍ୟସୁନିତା ନାୟକ , ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମିଶ୍ର,ହର୍ଟିକଲଚ଼ର୍ ରାକେଶ ରୋଶନ ବେହେରା, କନିଷ୍ଠ ଯନ୍ତ୍ରୀ, ନାୟବ ସରପଞ୍ଚ କୃଷ୍ଣ ସ୍ୱାଇଁ,ଯୋଗାଣ ସହାୟକ ଅଟଳ ବିହାରୀ ପ୍ରଧାନ , ପିଇଓ ସ୍ମୃତି ପ୍ରିୟ ବେହେରା, ଜିଆରଏସ ନାଗେଶ୍ୱରୀ ଆଚ଼ାରୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତ ସ୍ତରରେ ଭିତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅଧିକ ଗୁରୁତ୍ୱ ଦେଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାକୁ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ବିସ୍ତୃତ ଆଲୋଚ଼ନା କରିବା ସହ ମିଳିମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳର ରୂପାନ୍ତରୀକରଣ, ମହିଳା ସଂଯୋଗୀକରଣ ଓ ଭିତିଭୂମି ର ବିକାଶ, ବ୍ୟାଙ୍କିଙ୍ଗ ଭିତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରୀକରଣ, କ୍ରୀଡ଼ା ଭିତିଭୂମିର ବିକାଶ, ଐତିହ୍ୟ ଭିତିଭୂମିର ବିକାଶ, ପରିବହନ ବ୍ୟବସ୍ଥା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ, ମମତା ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ସହାୟତା, ମଧୁବାବୁ ପେନସନ ଯୋଜନା, ହରିଶ୍ଚନ୍ଦ୍ର ସହାୟତା ଯୋଜନା, ମୋ ଘର ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା କରାଯାଇଥିଲା ।ଏଥିରେ ଅନ୍ୟତମ ଅତିଥି ରୂପେ ବିଭିନ୍ନ ପଞ୍ଚାୟତରୁ ଆସିଥିବା କୁକୁଡାଖଣ୍ଡି ସରପଞ୍ଚ ବନ୍ଦନା ସେଠି , ବାଲିପଡ଼ା ସରପଞ୍ଚ ଲକ୍ଷ୍ମୀ ସେଠି, ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, ଲାଞ୍ଜିଆ ସରପଞ୍ଚ ଅନିଲ ଗୌଡ଼,ବାଘଲଟି ସରପଞ୍ଚ ମାମି ସାସମଲ ଙ୍କ ସହ ସରପଞ୍ଚ ପ୍ରତିନିଧି ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଏମବିକେ, ସିଆରପି, ଅଙ୍ଗନବାଡ଼ି ସୁପ୍ରଭାଇଜର, ଅଙ୍ଗନବାଡି କର୍ମୀ,ଆଶା କର୍ମୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ମଇ ୧୩

# ବିଷ୍ଣୁପ୍ରିୟା : ଓଡ଼ିଶାର 'ନାଇଟେଙ୍ଗଲ୍'


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

୧୯୪୭ ମସିହା ଦ୍ୱିତୀୟାର୍ଦ୍ଧ । ସ୍ୱାଧୀନତାର ସ୍ୱାଦକୁ ଦେଶବାସୀ ଠିକ୍ ଭାବେ ଅନୁଭବ କରିପାରିନଥାନ୍ତି । ସେତିକିବେଳେ, ରକ୍ଷଣଶୀଳ ଓଡ଼ିଆ ସମାଜରେ ଜଣେ ୨୧ ବର୍ଷିୟା ଝିଅ ସୁଦୂର ଦିଲ୍ଲୀ ଯାଇ ନର୍ସିଂ ଭଳି ପେସାର ତାଲିମ୍ ନେବା କିଛି କମ୍ କଥା ନଥିଲା । ଏହି ଝିଅ ଜଣକ ଅନ୍ୟ କେହି ନଥିଲେ – ସେ ଥିଲେ ଓଡ଼ିଶା ନର୍ସିଂ ସମାଜର କୁଳବୃଦ୍ଧା ବିଷ୍ଣୁପ୍ରିୟା ମହାନ୍ତି । ବିଷ୍ଣୁପ୍ରିୟାଙ୍କ ପଦକ୍ଷେପକୁ ସେତେବେଳେ କେବଳ ଯେ ସମାଲୋଚନା କରାଯାଇଥିଲା, ତା ନୁହେଁ; ପରିବାରକୁ ମଧ୍ୟ ଅନେକ ପ୍ରକାର କୁତ୍ସାରଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ହେଲେ ସମଗ୍ର ସମାଜର ଉନ୍ନତି ପାଇଁ ସଂକଳ୍ପବଦ୍ଧ ହୋଇଥିବା ବିଷ୍ଣୁପ୍ରିୟା ଏ ସବୁକୁ ଆଡ଼େଇ ଦେଇ ଆଗେଇ ଯାଇଥିଲେ; ଆଉ ରଖି ଯାଇଥିଲେ ସବୁ କ୍ଷେତ୍ରରେ ପ୍ରଥମ ହେବାର ଅନନ୍ୟ ଉଦାହରଣ । ପ୍ରଥମ ଓଡ଼ିଆ ନର୍ସିଂ ଛାତ୍ରୀ, ପ୍ରଥମ ମାଟ୍ରନ୍, ପ୍ରଥମ ଚିଫ୍ ମାଟ୍ରନ୍, ପ୍ରଥମ ପ୍ରିନ୍ସପାଲ ଟ୍ୟୁଟର, କଲେଜ୍ ଅଫ୍ ନର୍ସିଂର ପ୍ରଥମ ଅଧ୍ୟକ୍ଷା ଓ ଏମିତି ଅନେକ ପ୍ରଥମ । କୁହାଯାଏ ପ୍ରଥମ ହେବାଟା ଯେତିକି କଷ୍ଟ, ପ୍ରଥମ ସ୍ଥାନକୁ ବଜାୟ ରଖିବା ତା ଠାରୁ ଢ଼େର୍ ଅଧିକ କଷ୍ଟ । ହେଲେ, ବିଷ୍ଣୁପ୍ରିୟା କେବଳ ଯେ ପ୍ରଥମ ହୋଇଥିଲେ ତା ନୁହେଁ, ଶେଷ ପର୍ଯ୍ୟନ୍ତ ନିଜର ପ୍ରଥମ ସ୍ଥାନକୁ ବଜାୟ ରଖିଥିଲେ । ଦିଲ୍ଲୀର ରାଜକୁମାରୀ ଅମ୍ରିତା କୌର କଲେଜ୍ ଅଫ୍ ନର୍ସିଂ (ଦିଲ୍ଲୀ କଲେଜ ଅଫ୍ ନର୍ସିଂ ଭାବେ ପରିଚିତ)ରୁ ବିଏସ୍‌ସି ନର୍ସିଂ ଓ ପରେ ଏମ୍.ଏସ୍‌ସି ନର୍ସିଂ ଶିକ୍ଷା ଗ୍ରହଣ କରିଥିଲେ । ଶିକ୍ଷା ଶେଷ ହେବା ପୂର୍ବରୁ ବିଷ୍ଣୁପ୍ରିୟାଙ୍କୁ ସୁଯୋଗ ମିଳିଥିଲା ଦିଲ୍ଲୀର କେତେକ ପ୍ରତିଷ୍ଠିତ ଚିକିତ୍ସାଳୟରେ ଯୋଗଦେବାକୁ । ଅନ୍ୟ କେହି ହୋଇଥିଲେ ବ୍ୟକ୍ତିଗତ ପ୍ରତିଷ୍ଠା ସମ୍ପନ୍ନତା ପାଇଁ ଏହାକୁ କେବେ ହାତଛଡ଼ା କରିନଥାନ୍ତା । ହେଲେ ନିଜ ରାଜ୍ୟର ଅସହାୟ ରୋଗୀମାନଙ୍କ ସେବା କରିବାକୁ ଯିଏ ସଂକଳ୍ପବଦ୍ଧତାକୁ ଏ ସବୁ ଲୋଭ ଅଟକାଇପାରିଥାଆନ୍ତା ବା କେମିତି ? ଶିକ୍ଷା ସମାପ୍ତିରେ ବିଷ୍ଣୁପ୍ରିୟା ବାଛି ନେଇଥିଲେ ଓଡ଼ିଶାକୁ ନିଜର କର୍ମଭୂମି (ବରଂ ସେବା ଭୂମି କହିଲେ ଅଧିକ ଉପଯୁକ୍ତ ହେବ) ଭାବେ । ଏସ୍‌ସିବିରୁ ପ୍ରଥମ ଓଡ଼ିଆ ନର୍ସ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ଓଡ଼ିଆ ଝିଅମାନଙ୍କୁ ଅଧିକରୁ ଅଧିକ ଏହି ପେସାପ୍ରତି ଆକୃଷ୍ଟ କରାଇବାର ଉଦ୍ୟମ ଆରମ୍ଭ କରିଦେଇଥିଲେ । ପଦୋନ୍ନତି ଓ ନିଷ୍ପତ୍ତି ନେବାର କ୍ଷମତା ମିଳିବା କ୍ଷଣି ଓଡ଼ିଆ ଝିଅମାନଙ୍କୁ ବାଙ୍ଗାଲୋର, ଭେଲୋର, ଦିଲ୍ଲୀ ଓ ମାଡ୍ରାସ୍‌ର ଚିକିତ୍ସାଳୟକୁ ପାଠଇ ଉନ୍ନତ ସ୍ତରରେ ନର୍ସିଂ ତାଲିମ ଦିଆଇବାରେ ମଧ୍ୟ ସେ କେବେ କୌଣସି ସୁଯୋଗ ହାତଛଡ଼ା କରିନଥିଲେ । ସେଇଥିପାଇଁ 'ବଡ଼ ଦିଦି' ବୋଲି ସମ୍ବୋଧନ କରୁଥିଲେ ବି ଅଧିକାଂଶ ସେବିକା ତାଙ୍କୁ ନିଜ ମା' ଭଳି ଦେଖୁଥିଲେ । ସେ ମଧ୍ୟ ମାତୃବତ୍ ସ୍ନେହ ଦେବାରେ କେବେ କାର୍ପଣ୍ୟତା ଦେଖାଇ ନଥିଲେ । ଚାକିରି କାଳରେ ନର୍ସିଂ ସେବାକୁ ଅଧିକ ଲୋକାଭିମୁଖୀ କରାଇବା ସହ ନର୍ସିଂ କଲେଜ ପ୍ରତିଷ୍ଠା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଧ୍ୱଜା ତଳେ ନିଆଯାଇଥିଲା । ଚାକିରିର ଶେଷ ସମୟରେ ବହୁଉଚ୍ଚ ପଦସ୍ଥ ଅଧିକାରୀ ଚାକିରିକାଳକୁ ବଢ଼ାଇବା ପାଇଁ ସରକାରଙ୍କ ଦ୍ୱାରସ୍ଥ ହେଉଥିବା ବେଳେ ବିଷ୍ଣୁପ୍ରିୟାଙ୍କ କ୍ଷେତ୍ରରେ ଠିକ୍ ତାର ଓଲଟା ଘଟିଥିଲା । ସରକାରଙ୍କ ପକ୍ଷରୁ ତାଙ୍କୁ ନିବେଦନ କରାଯାଇଥିଲା ଆଉ ଦୁଇ ବର୍ଷ ଅଧିକ ସେବା କରିବାକୁ । କହିବା ଅନାବଶ୍ୟକ ହିମାଳୟ ପରି ତାଙ୍କର ପ୍ରଚଣ୍ଡ ପ୍ରତିଭା ଓ ନର୍ସିଂ ସେବା ପ୍ରତି ତାଙ୍କର ସମର୍ପଣ ଭାବ ଯୋଗୁଁ ସରକାରଙ୍କ ପକ୍ଷରୁ ନିୟମର ଏଭଳି ପରିବର୍ତ୍ତନ କରାଯାଇଥିଲା । ଅବସର ନେବା ପରେ ମଧ୍ୟ ବିଷ୍ଣୁପ୍ରିୟା ଚୁପ୍ ହୋଇ ବସିନଥିଲେ । ନିଜ ଉଦ୍ୟମରେ 'ଲିଟିଲ୍ ବାର୍ଡ଼ି' ନାମକ ସ୍କୁଲ ଖୋଲିବା ସହ ଶେଷ ସମୟ ପର୍ଯ୍ୟନ୍ତ 'ଉପେନ୍ଦ୍ର ଟ୍ରଷ୍ଟ କଲେଜ୍ ଅଫ୍ ନର୍ସିଂ'ର ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରୁଥିଲେ । ବିଷ୍ଣୁପ୍ରିୟାଙ୍କ ସମାଜ ସେବାର କାହାଣୀ ବଖାଣି ବସିଲେ ସମୟ ଓ କାଗଜ କମ୍ ପଡ଼ିଯିବ । ଓଡ଼ିଶା ନର୍ସିଂ ସେବାର ଏହି କୁଳବୃଦ୍ଧାଙ୍କର ପରଲୋକ ହୋଇଥିଲେ ବି ନର୍ସିଂ ସେବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଓଡ଼ିଶାର ସେବିକା ସମାଜ ପାଇଁ ସେ ସର୍ବଦା ଆଦର୍ଶ ଓ ପ୍ରେରଣାର ମାର୍ଗଦର୍ଶିକା ହୋଇ ରହିବେ ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ, ମୋ : ୯୪୩୭୦୫୧୯୫୭*

# 'ନିର୍ବାଚନୀ ରାଜନୀତି' ବନାମ 'ଓଡ଼ିଆ ଅସ୍ମିତା'


ବିପିନ ବିହାରୀ ମହାନ୍ତି

ନିର୍ବାଚନରେ ନିଜସ୍ୱ ପକ୍ଷର ଜିତାପଟ ନେଇ ପ୍ରତିଟି ଦଳ ବା ପ୍ରାର୍ଥୀ ଯେତେ ପ୍ରକାର ଡାହା ମିଛ, ବାଜେ ନୀତି ଏବଂ ଅଲାଜୁକି ପ୍ରସଙ୍ଗ ବା ଇସ୍ତାହାର ଉପସ୍ଥାପନ କରିଥାନ୍ତି । ପରସ୍ପରକୁ ଦୋଷାରୋପ କରିବା ବା କାଦୁଅ ଛାଟିବା ଏଗୁଡାକ ଏମାନଙ୍କର ସାଧାରଣ କଥା । ସେମିତି ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଯେତେ ପ୍ରକାର ପ୍ରଲୋଭନ ଦିଆଯାଇପାରେ । ଏଥିରୁ କେଉଁ ଦଳ ବାଦ୍ ପଡ଼ନ୍ତି ନାହିଁ । ଏହି ଦୃଷ୍ଟିରୁ ବିଚାର କଲେ ଏମାନଙ୍କ ମଧ୍ୟରୁ କେହି ଜଣେ ବି ଯତି ବା ସତୀ ନୁହଁନ୍ତି । ବାହାଘର ପରେ ବେଦି ମୁହଁ ପୋଡ଼ କହି ଭୋଟ୍ ପରେ କିଏ କାହାର ? ଭୋଟ୍ ବେଳେ ଯେଉଁ ଦଣ୍ଡବତ ମାନ ମାରି କାମ ହାସଲ କରାଯାଇଥାଏ, ଭୋଟ୍ ପରେ ଭୋଟରମାନେ କୌଣସି କାର୍ଯ୍ୟ ହାସଲ ପାଇଁ ସେମାଙ୍କୁ ଶତସହସ୍ର ମୁଣ୍ଡିଆ ବା ଦଣ୍ଡବତ ମାରିବାକୁ ପଡ଼ିଥାଏ । ତଥାପି କାମ ହୁଏନା । ଆମେ ବୁଝୁଛୁ ଯେ ନିର୍ବାଚନୀ ବୈତରଣୀ ପାରି ହେବାରେ ଦଳମାନେ କିଏ କେତେ ପ୍ରକାର ପ୍ରସଙ୍ଗକୁ ଭିତ୍ତି କରି ନିର୍ବାଚନ ଲଢ଼ନ୍ତି । କଣ ନା ଏସା କରିଦେବୁ, ତେସା କରିଦେବୁ, ତୁମ ପେଁକାଳି ବଜେଇ ଦେବୁ.... । ଠିକ୍ ଅଛି ତୁମେ କଣ କରୁଛ କର । ତୁମ ସ୍ୱରୂପଟି ମତଦାତା ଠିକ୍ ଜାଣେ । ଚଳିତ ନିର୍ବାଚନରେ ଓଡ଼ିଆ ଅସ୍ମିତାକୁ ନେଇ ଏକ ସାଂଘାତିକ ପ୍ରସଙ୍ଗ କରାଯାଇଛି । ଯାହାର ମାନେ ସତେ ଯେମିତି ଓଡ଼ିଆଙ୍କର ଅସ୍ମିତା ନାହିଁ । ଏହା ଓଡ଼ିଆ ଜାତି, ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି କୁଠାରଘାତ କରୁଛି ।

ଆମର ପ୍ରଶ୍ନ ଯେଉଁମାନେ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରୁଛନ୍ତି, ଏମାନେ ଆମକୁ ପ୍ରଥମେ ବୁଝାନ୍ତୁ 'ଅସ୍ମିତା' କହିଲେ ସେମାନେ କ'ଣ ବୁଝନ୍ତି ? ଏହାର ତାତ୍ତ୍ୱିକ ବା ବ୍ୟାକରଣିକ ବିଶ୍ଳେଷଣ କଣ ? ଅସ୍ମିତାର ପରିସର ବା ସୀମାବଦ୍ଧତା (ଲିମିଟେସନ୍) କଣ ?

ଭାଷାଭିତ୍ତିକ ଶାସ୍ତ୍ରୀୟତା ପ୍ରାପ୍ତିରେ ଓଡ଼ିଆ ଭାଷାର ସ୍ଥାନ ଷଷ୍ଠ । ଯେଉଁମାନେ ଏ ଜାତିର ଅସ୍ମିତା ନେଇ ପ୍ରଶ୍ନ କରୁଛନ୍ତି, ସେମାନେ ବ୍ୟବହାର କରୁଥିବା ଭାଷାର ଶାସ୍ତ୍ରୀୟତା ଅଛି କି ? ଓଡ଼ିଆ ଜାତିର ଅସ୍ମିତା ଖ୍ରୀଷ୍ଟପୂର୍ବ ପାଂଚହଜାର ଠାରୁ ଏଯାବତ୍ ଲମ୍ବି ଆସିଛି ଏବଂ କ୍ରମଶଃ ବୃଦ୍ଧି ପାଉଛି । ଏହାର ବନ, ଗିରି, ନଦ,ନଦୀ, ହ୍ରଦ, ସାଗର, ମାଟି, ପାଣି, ପବନ, ଜଳବାୟୁ ଏବଂ ପ୍ରାକୃତିକ ଦୃଶ୍ୟାବଳୀ ଇତ୍ୟାଦି ଚରମ ବା ପରମ ସ୍ଥାନରେ ପହଂଚିପାରିଛି । ଏମିତି କହିଲେ ଯାହା ଓଡ଼ିଶାରେ ନାହିଁ, ତାହା ଭାରତରେ ନାହିଁ । ଏହା ଆଜି ନୁହେଁ କି କାହିଁ ନୁହେଁ ଯୁଗ ଯୁଗ ଧରି ପ୍ରତିଟି କ୍ଷେତ୍ରରେ ଦେଶୀ, ବିଦେଶୀ ବା ପରଦେଶୀକୁ ମହାନ୍ ଶିକ୍ଷା ଦେଇ ଆସିଛି । ଓଡ଼ିଶା ଜଗନ୍ନାଥଙ୍କର ଦେଶ । ସର୍ବଧର୍ମର ସମନ୍ୱୟକାରୀ ଭୂଇଁ ।

ଓଡ଼ିଆ ଜାତିର ଭାଷାକୁ ନେଇ ଭାଷା, ଦକ୍ଷତା ବା ଭାଷାଜ୍ଞାନ ନଥିବା ମହାମାନ୍ୟମାନଙ୍କୁ ଆମର ପ୍ରଶ୍ନ : ଓଡ଼ିଆରେ ଶ୍ରୁତଲିଖନଟିଏ ଡାକିଲେ ଶୁଦ୍ଧ ଭାବରେ ଲେଖିପାରିବେ ତ ! ଏଣୁ ଆମେ ଭାବୁଛୁ ବୋଧେ ଏମିତି କହିଲେ ଠିକ୍ ଲାଗିବ- ବୋହୂ ଚାଲି ନଜାଣଇ ଲୋ ପାଦ ପଡୁଥାଏ ବଙ୍କା... । ଆମର ଅନୁରୋଧ ଏ ମହାନ୍ ଓଡ଼ିଆ ଜାତିର ଅସ୍ମିତାକୁ ନେଇ ରାଜନୀତିରେ ପ୍ରସଙ୍ଗ କରନ୍ତୁ ନାହିଁ ।

*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ*
*ଗବେଷଣା ପ୍ରତିଷ୍ଠାନ:*
*ବିକାଶନଗର, ଜଟଣୀ*
*ଦୂରଭାଷ : ୯୯୩୮୩୪୪୧୩*

# ନ୍ୟାୟ ପାଇବାରୁ ବଞ୍ଚିତ ଅସହାୟ ଗରିବ ଓ ମଧ୍ୟବିତ୍ତ


ଆଶୁତୋଷ ନାୟକ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି ।ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ ଭାବେ ଉତ୍ତରଦାୟୀ । ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ ।ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ,ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଙ୍କର ତ୍ୟାଗ, ବଳିଦାନ,ଆପ୍ରାଣ ଉଦ୍ୟମ,ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା । ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସଂଘର୍ଷ କରୁଛନ୍ତି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ ।କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା 'ଆକାଶ କଇଁଆ ଚିଲିକା ମାଛ' ସଦୃଶ ।

ଆମ ସରକାର ଜନ୍ମ ରୁ ମୃତ୍ୟୁ ପ୍ରଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି । 'ତେଲିଆ ମୁଣ୍ଡରେ ତେଲ 'ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି ।

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚାରଧୀନ ଅଛି । ଭାରତ ର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି । ଏହିସବୁ ମାମଲା ର ତୁରନ୍ତ ବିଚାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ । ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବା ରୁ ବଞ୍ଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନତା ଆମ ସରକାର , ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି । ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା । କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ 'ଆମେ ଯତ୍ନବାନ -ଆମେ ସାହସୀ' ସ୍ଲୋଗାନ ସ୍ଥାନିତ ହୋଇଛି । କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ,ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା,ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର,ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ । କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ ।କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି । ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା । ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା ।

ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ ।ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯- ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି । ବିଭିନ୍ନ କୋର୍ଟରେ ବିଚାରଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭% । ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି । ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୁର୍ଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି । ସେମାନେ ଅତ୍ୟନ୍ତ ଚତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି । ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ।

ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା। ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ଭ ଅଫିସ କ୍ୱାଟର୍ସକୁ ଫେରୁଥିଲେ । ସେତେବେଳେ ରାତି ୧:୩୦ ହୋଇଥିଲା । ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚିତ୍କାର କରିଥିଲା । ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ । ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି । ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା । ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା । ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା । ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ଼ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି ।

ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବେଦନତା ପ୍ରକାଶ କରନ୍ତୁ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଊର୍ଦ୍ଧ୍ୱରେ କେହି ନୁହଁନ୍ତି । ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ । କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ। ଯାହା ପାଖରେ ଅଜସ୍ର ଅର୍ଥ,କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ । 'ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ ' ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ । ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ । କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଳ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଏଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି ।

*ଗୋପାଳପୁର,, ବାଲେଶ୍ୱର,*
*ମୋ:୭୦୨୦୬୧୧୩୦୦*

# ଭୋଟ ଦାନ : ଗଣତନ୍ତ୍ରର ମହାନ ଗଣପର୍ବ


ଡାକ୍ତର ସମ୍ରାଟ କର

ଆମେ ସମସ୍ତେ ଏକ ଏକ ମାନସିକତାକୁ ନେଇ ବଞ୍ଚୁଛେ । ସୁଖ, ଶାନ୍ତି, କର୍ମମୟ ଓ ଧାଁ ଧଉଡ଼ ଜୀବନ ଭିତରେ ସୁମାନସିକତା ହିଁ ଶ୍ରେଷ୍ଠ ଜୀବନର ରାସ୍ତା ଦେଖାଇଥାଏ । ଅନେକ ମାନସିକତା ଭିତରୁ ଭୋଟଦାନ ଅର୍ଥାତ ନିଜ ମୌଳିକ ଗଣତାନ୍ତ୍ରିକ ଅଧିକାରକୁ ନିଶ୍ଚିନ୍ତ ସାବ୍ୟସ୍ତ କରିବା ଅନ୍ୟତମ । ଅନେକ କ୍ଷେତ୍ରରେ ଦେଖାଯାଏ ଭୋଟଦାନ ଦିନ ଛୁଟି ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ଭୋଟ ଦେବାକୁ ପସନ୍ଦ କରିନଥାନ୍ତି । ଗଣତନ୍ତ୍ରର ଏପରି ମହାନ ପାର୍ବଣରେ ଆମେ ସାମିଲ ନହେବା କିପରି ? ଭାରତ ପରି ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମେ ଅତ୍ୟନ୍ତ ଭାଗ୍ୟବାନ ଓ ଗୌରବାନ୍ୱିତ ଯେ ପ୍ରତି ପାଞ୍ଚବର୍ଷରେ ଥରେ ଲୋକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାରେ ଆମ୍ଭେମାନେ ଆମ ପ୍ରତିନିଧିଙ୍କୁ ନିର୍ବାଚିତ କରିଥାଉ । ନିଶ୍ଚିନ୍ତ ମୋ ଭୋଟଦାନ ଅଧିକାର ସାବ୍ୟସ୍ତ କରିବି ଆଉ ଗଣତନ୍ତ୍ରର ଏହି ବିଶାଳ ପର୍ବରେ ଅନ୍ୟ ମାନଙ୍କୁ ସାମିଲ କରିବି ଏହି ବଜ୍ର ସଂକଳ୍ପ, ଆବେଗ ଓ ଭଲପାଇବା ଗଣତନ୍ତ୍ରକୁ ମଜଭୁତ କରିଥାଏ । ଭୋଟଦାନ ମାନସିକତାକୁ ଏକ ଆବେଗରେ ରଖି ଏହାକୁ ନିଶ୍ଚିନ୍ତ ସଫଳ କରାଇବା ପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ଠାପର ଭୂମିକାରୁ ଆଦୌ ପଛଘୁଞ୍ଚା ଦେବାନାହିଁ । ଚଳିତ ନିର୍ବାଚନରେ ଆମ 'ଭୋଟଦାନ-ଏକ ଗଣତାନ୍ତ୍ରିକ ସୁସ୍ଥ ଆବେଦନର ମାନସିକତା' ସଫଳ କରିବା ପାଇଁ ସମସ୍ତଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ।

ଆମ ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଭୋଟ ଦାନ ବ୍ୟବସ୍ଥାରେ ନାଗରିକମାନେ ନିଜ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାନ୍ତି । ଗଣତନ୍ତ୍ରର ଜୀବନରେଖା କହିଲେ ଏହା ଅତ୍ୟୁକ୍ତି ହେବନାହିଁ । ରାଜନୈତିକ ପୃଷ୍ଠଭୂମିକୁ ଦେଖିଲେ ଏହି ଗଣତନ୍ତ୍ର ବ୍ୟବସ୍ଥାର ମହାନ ଗଣପର୍ବ ନାଗରିକର ଅଧିକାର ଓ ସମ୍ମିଳିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ । ଚଳିତ ଅର୍ଥାତ୍ ୨୦୨୪ ନିର୍ବାଚନ ଆରମ୍ଭ ହୋଇଯାଇଛି । କହିବାକୁ ଗଲେ ୧୯୫୧ରେ ଦେଶର ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ପାଖାପାଖି ୭୩ ବର୍ଷ ପରେ ଚଳିତ ବର୍ଷର ଅଷ୍ଟାଦଶ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ଗଣତନ୍ତ୍ରର ମହାପାର୍ବଣ ନିର୍ବାଚନ ଆସିଯାଇଛି । ସବୁ ଉତ୍କଣ୍ଠାର ଅନ୍ତ ଘଟି ଭୋଟ ବିଗୁଲ ବାଜିସାରିଲାଣି । ପାଞ୍ଚବର୍ଷରେ ଥରୁଟିଏ ଆସିଥିବା ଏ ଭୋଟ ମହାପର୍ବରେ ସାରା ଓଡ଼ିଶା ସାମିଲ ହେବ । ନିଜ ପସନ୍ଦର ନେତା ପ୍ରତିନିଧିଙ୍କୁ ଓଡ଼ିଶାବାସୀ ବାଛିବେ । ମେ, ଜୁନ୍‌ରୁ ୪ ପର୍ଯ୍ୟାୟରେ ଏହି ଭୋଟଦାନର ବ୍ୟବସ୍ଥା ରହିଛି । ତେବେ ଚଳିତ ଥର ତାତିଲା ତାଓ୍ୱାରେ ସମଗ୍ର ଓଡ଼ିଶା ଭାଜି ହେଉଥିବା ବେଳେ କିନ୍ତୁ ମତଦାନ କେନ୍ଦ୍ରରେ ହେବ ଭୋଟଦାନ । ଭୋଟ-୨୪ ନେଇ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ସହ ଭୋଟରଙ୍କ ଭିତରେ ବେଶ୍ ଜୋସ୍ ଆଉ ଉତ୍ସାହ ପ୍ରକାଶ ପାଇଛି । ଏ ଯାଏଁ ଭୋଟର ତାଲିକାରେ ଆସନ୍ତା ନିର୍ବାଚନ ପାଇଁ ୩ କୋଟି ୩୫ ଲକ୍ଷ ଭୋଟର ତାଲିକାଭୁକ୍ତ ହୋଇଛନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ସର୍ବକାଳୀନ ରେକର୍ଡ ଭାବେ ୮ ଲକ୍ଷ ଯୁବ ଭୋଟର ଯୋଡ଼ି ହୋଇଛନ୍ତି । ମହିଳା ଭୋଟରଙ୍କ ସଂଖ୍ୟା ମଧ୍ୟ ବେଶ୍ ଉତ୍ସାହଜନକ ଭାବେ ବଢ଼ିଛି । ଉତ୍ସୁକତାର ସହ ଭୋଟରମାନେ ଗଣତନ୍ତ୍ରର ଏହି ମହାପର୍ବକୁ ଅପେକ୍ଷା କରିଛନ୍ତି । ରାଜ୍ୟରେ ଅବାଧ, ନିରପେକ୍ଷ ଓ ମୁକ୍ତ ମତଦାନ ପାଇଁ ଭୋଟର ତାରିଖ ଘୋଷଣା ସହ ଲାଗୁ ହୋଇଛି ଆଦର୍ଶ ଆଚରଣ ବିଧି ।

ଆମ ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଭୋଟ ଦାନ ବ୍ୟବସ୍ଥାରେ ନାଗରିକମାନେ ନିଜ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାନ୍ତି । ଗଣତନ୍ତ୍ରର ଜୀବନରେଖା କହିଲେ ଏହା ଅତ୍ୟୁକ୍ତି ହେବନାହିଁ । ରାଜନୈତିକ ପୃଷ୍ଠଭୂମିକୁ ଦେଖିଲେ ଏହି ଗଣତନ୍ତ୍ର ବ୍ୟବସ୍ଥାର ମହାନ ଗଣପର୍ବ ନାଗରିକର ଅଧିକାର ଓ ସମ୍ମିଳିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ । ଐତିହାସିକ ତଥ୍ୟ ଅନୁଯାୟୀ ଗ୍ରୀସ୍ ହେଉଛି ଗଣତନ୍ତ୍ରର ଜନନୀ ଓ ୫୦୮ ଶତାବ୍ଦୀରେ ଗଣତାନ୍ତ୍ରିକ ଆଧାର ବ୍ୟବସ୍ଥାରେ ଶାସନ ବ୍ୟବସ୍ଥା ପରିଚାଳନା ହୋଇଥିଲା ।

ସମ୍ପ୍ରତି ନିର୍ବାଚନ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ପ୍ରଥମ ଦୁଇ ଭୋଟଦାନ ପର୍ଯ୍ୟାୟରେ ମତଦାନ ଗତ ଲୋକସଭା ନିର୍ବାଚନଠାରୁ କମିଛି । ପର୍ଯ୍ୟବେକ୍ଷକଙ୍କ ମତ ଯେ ଶିକ୍ଷିତ ଓ ସମ୍ପନ୍ନ ବର୍ଗଙ୍କ ଉଦାସୀନତା, ଅସହ୍ୟ ଗ୍ରୀଷ୍ମ ତାତି, ଦଳୀୟ ସଂକଳ୍ପ ପତ୍ରରେ ସ୍ଥାନୀୟ ସମସ୍ୟାକୁ ଉପେକ୍ଷା ଏବଂ ପ୍ରାର୍ଥୀ ମନୋନୟନ ଅଭିଜ୍ଞତା ଓ ଦକ୍ଷତା ଆଦିର ଅଭାବ ଆଦି ମତଦାତାଙ୍କ ଅନୁପସ୍ଥିତିର କାରଣ । ଯଦି ଶତପ୍ରତିଶତ ମତଦାନ ବାଧ୍ୟତାମୂଳକ ହୋଇଥା'ନ୍ତା ଏହି ଅନୁପସ୍ଥିତ ଭୋଟରମାନେ ନିଶ୍ଚୟ 'ନୋଟା'ରେ ଭୋଟ ଦେଇଥା'ନ୍ତେ । ଏ ପର୍ଯ୍ୟନ୍ତ 'ନୋଟା' ଭୋଟର ପରିମାଣ ଦେଢ଼ରୁ ଦୁଇ ପ୍ରତିଶତ ଭିତରେ ରହିଛି । ବାଧ୍ୟତାମୂଳକ ଭୋଟ ହେଲେ ଏହା କେତେ ପ୍ରତିଶତ ହେବ ତାହା ସହଜରେ ଅନୁମେୟ । ତେଣୁ 'ନୋଟା' ବ୍ୟାବହାରିକ ପକ୍ଷରୁ ଆଇନତଃ ସୁରକ୍ଷିତ କଲେ ପ୍ରତିନିଧିମୂଳକ ଗଣତନ୍ତ୍ର ଯେ ଆହୁରି ସୁଦୃଢ଼ ହେବ ଏଥିରେ ସନ୍ଦେହ ନାହିଁ ।

ବ୍ୟାପକ ପଦକ୍ଷେପ ସତ୍ତ୍ୱେ ଭୋଟହାର ବୃଦ୍ଧି ନପାଇବା ବାସ୍ତବିକ ଏବେ ଏକ ସାମାଜିକ ଆହ୍ୱାନ ଭାବେ ପରିଗଣିତ ହେଲାଣି । ୨୦୧୪ ଓ ୨୦୧୯ରେ ଏକା ସମୟରେ ଲୋକସଭା ଓ ବିଧାନ ସଭା ନିର୍ବାଚନ ହୋଇଥିବାରୁ ଓଡ଼ିଶାରେ ମତଦାନ ହାର ୭୩%ରେ ସୀମିତ ଥିଲା । ୨୦୧୯ରେ ୫୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ରାଜ୍ୟ ହାର ଠାରୁ କମ ରହିଥିବାବେଳେ ୨୩ ବିଧାନସଭା କ୍ଷେତ୍ରରେ ଜାତୀୟ ହାର ଠାରୁ କମ ରହିଥିଲା । ସେହିପରି ୮ଟି ଲୋକସଭା କ୍ଷେତ୍ରରେ ମତଦାନ ହାର ରାଜ୍ୟ ହାର ଠାରୁ ମଧ୍ୟ କମ ରହିଥିଲା । ଏପରିକି ରାଜଧାନୀ ଭୁବନେଶ୍ୱରରେ ମତଦାନ ହାର ୫୦%ରୁ କମ ଥିଲା । ଖୋଦ ରାଜଧାନୀରେ ମତଦାନ ହାର ଅଧାରୁ କମ ରହୁଥିବାବେଳେ ରାଜ୍ୟରେ ଅନ୍ୟ ସହର କିମ୍ବା ଜିଲ୍ଲାରେ ମତଦାନ ହାରରେ ଅଭିବୃଦ୍ଧି ଆଣିବା କିଛି କମ କଷ୍ଟସାଧ୍ୟ ନୁହେଁ । ଜନ ସଚେତନତା ଓ ଦାୟିତ୍ୱବୋଧତା ହିଁ ଗଣତନ୍ତ୍ରର ମହାନ ପର୍ବରୁ ସାଫଲ୍ୟ ମଣ୍ଡିତ କରିପାରିବ । ସେଥିପାଇଁ ପ୍ରତିବର୍ଷ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ରାଜ୍ୟରେ ମତଦାନ ହାର ବୃଦ୍ଧି କରିବା ଲକ୍ଷ୍ୟରେ ଯୋଜନାବଧ ଭାବେ ସଚେତନତା ପାଇଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ଜିଲ୍ଲା ନିର୍ବାଚନ ଅଧିକାରୀ, ବ୍ୟବସ୍ଥିତ ଶିକ୍ଷା ଓ ନିର୍ବାଚନରେ ଅଂଶ ଗ୍ରହଣ (ଏସ୍‌ଭିଇଇପି) ନୋଡାଲ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯୁବ, ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଭୋଟମାନଙ୍କ ସୁବିଧା ସୁନିଶ୍ଚିତ କରାଯାଇଛି । ତେଣୁ ଏଥର ମତଦାନ ହାର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି । ରାଜ୍ୟରେ ଏଥର ୩.୩୨ କୋଟି ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରିବେ । ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି ଏଥର ୧୮-୧୯ ବର୍ଷ ମଧ୍ୟରେ ଭୋଟରଙ୍କ ସଂଖ୍ୟା ପୂର୍ବାପେକ୍ଷା ଦୁଇ ଲକ୍ଷ ବୃଦ୍ଧି ପାଇ ୭.୫୫ ଲକ୍ଷ୍ୟରେ ପହଞ୍ଚିଛି । ପ୍ରଥମ ଥର ମତଦାନ ପାଇଁ ୪.୭ ଲକ୍ଷ (୧୮-୧୯ ବର୍ଷ) ନୂଆ ଭୋଟରଙ୍କୁ ଯୋଡ଼ାଯାଇଛି । ନୂଆ ଭୋଟର ମଧ୍ୟ ମତଦାନ ହାର ବୃଦ୍ଧିରେ ବଡ଼ ଭୂମିକା ନେବେ ବୋଲି ଆଶା କରାଯାଉଛି । ତେଣୁ ୨୦୨୪ ନିର୍ବାଚନରେ ଓଡ଼ିଶା ନୂଆ ମତଦାନ ହାର ଦେଖିବା ସମ୍ଭାବନା ଉଜ୍ଜ୍ୱଳ ବୋଲି କୁହାଯାଇଛି । ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନା ପରିଚାଳନା ହେଉଥିବା ବେଳେ ପ୍ରତ୍ୟେକ ନାଗରିକ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ଆଗେଇ ଆସିବା ଉଚିତ । ଭାରତର ଏହି ମହାନ ଗଣପର୍ବରେ ଆସନ୍ତୁ ଆମେ ସମସ୍ତେ ସାମିଲ ହୋଇ ଆମ ମୂଲ୍ୟବାନ ଭୋଟଟି ପ୍ରଦାନ କରିବା ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ
ରୋଡ଼, କଟକ,
ମୋ: ୯୧୩୨୪୩୩୩୩୩




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିଲିକନ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଈ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇନ୍‌ଷ୍ଟିଚ୍ୟୁଟ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରାମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଡ଼ାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଡାକଣ୍ଡା, ରାମପୁର ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅନୁଜ୍ଞାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ଜିପାବରେ ବର୍ଷକୁ ପ୍ରେଡିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ରାଜସ୍ୱ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଥିବା ଉପରେ ତେବେ ସେଭଳି କାର୍ଯ୍ୟାଳୟରୁ ମିଳିଥିବା ଲେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ ଉକ୍ତ ବାଲି ସୌରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟରେ ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗର୍ତ୍ତ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଉଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷର ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସରସା ଦହପଡ଼ା ବାଲି ସୈରାତକୁ ନିରୀକ୍ଷଣ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ ଭାବେ ଚାଲିଥାଏ ତାହାହେଲେ ଲିଜଧାରୀ ଅନୁଜ୍ଞାକର ଦାସଙ୍କ ଉପରେ ଦିଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପ୍ଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେବ। କାର୍ଯ୍ୟକ୍ରମ ସ୍ଥଳରେ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଗରିବ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି । ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି ।ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ସୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦ୍ଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# 'ଭିଜନ'ଡିଏସ୍‌ପି ଏମଏଫ ଉନ୍ମୋଚନ କଲା

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡ଼ିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ତ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଓ୍ୱକ୍ଷପ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡ଼ିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡ଼ିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ତ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/ ୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଭୋଟ ପ୍ରକ୍ରିୟାରେ 'ନୋଟା'ର ଗୁରୁତ୍ୱ ରହୁ

**ପୁଷ୍ପମିତ୍ର ମହାପାତ୍ର**

ଓଡ଼ିଶା ଭୋଟ ୨୪ ପାଇଁ ପୁରା ପ୍ରସ୍ତୁତ। ତିନି ତିନଟି ବଡ଼ ରାଜନୈତିକ ଦଳ ବିଜେଡ଼ି, କଂଗ୍ରେସ ଓ ବିଜେପି ନିଜର ପ୍ରଭାବୀ ଢ଼ଙ୍ଗରେ ପ୍ରଚାର କରି ଲୋକମାନଙ୍କ ପାଖକୁ ଯାଉଛନ୍ତି। ଦଳର ଇସ୍ତାହାର ଅଛି, ମଜଭୁତ ସଂଗଠନ ଅଛି, ଅର୍ଥ ପ୍ରତିପତ୍ତି ସବୁକିଛି ଅଛି ହେଲେ ପ୍ରତିବର୍ଷ ନୋଟାରେ ଭୋଟ ପରିମାଣ ବଢୁଛି କାହିଁକି ? ଏହାର ସିଧାସଳଖ ଉତ୍ତର ହେଉଛି ନିର୍ବାଚନରେ ଛିଡ଼ା ହେଉଥିବା ଆମର ଲୋକପ୍ରତିନିଧିମାନେ ଜନତା ଜନାର୍ଦ୍ଦନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁନାହାଁନ୍ତି। ଓଡ଼ିଶାର ଅସ୍ମିତା, ସ୍ୱାଭିମାନ ନିଜ ଅଞ୍ଚଳର ବିକାଶ ଓ ନିର୍ବିବାଦୀୟ ବ୍ୟକ୍ତିତ୍ୱ ସର୍ବୋପରି ଲୋକମାନଙ୍କ ସହ ବେଶ ଭଲ ଭାବେ ମିଶି ପାରୁଥିବା ପ୍ରତିନିଧି ନିର୍ବାଚନକୁ ଆସିଲେ ବିଜୟ ସମ୍ଭାବନା ସୁନିଶ୍ଚିତ। ତେବେ ସର୍ବାଧିକାର ହେଉ ଓଡ଼ିଶାର ବିକାଶ, ଏ ଜାତିର ପ୍ରଗତି ଆଉ ଆମ ମାଟି ମୂଳକର ସର୍ବାଙ୍ଗୀନ ଉନ୍ନତି। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଫଳ ଶାସନ ବ୍ୟବସ୍ଥା ପାଇଁ ନିର୍ବାଚିତ ଉତ୍ତରଦାୟୀ ସରକାରର ଆବଶ୍ୟକତା ରହିଛି। କିନ୍ତୁ ଦିନକୁ ଦିନ ପ୍ରାର୍ଥୀ ମାନଙ୍କ ଛବି କେତେକ କ୍ଷେତ୍ରରେ ମଳୀନ ହେଉଥିବାବେଳେ ଆଉ କେତେକ କ୍ଷେତ୍ରରେ ସେମାନେ ନିର୍ବିବାଦୀୟ ଓ ଗ୍ରହଣୀୟ ହୋଇପାରୁନାହାଁନ୍ତି। ଆଜିର ନିର୍ବାଚନ ପ୍ରସଙ୍ଗରେ ନୋଟା ସମ୍ବନ୍ଧରେ ଆଲୋକପାତ କରୁଛୁ। ସାଧାରଣ ନିର୍ବାଚନରେ ନୋଟା (ନନ୍ ଅଫ୍ ଦି ଏବଭ୍)ର ଗୁରୁତ୍ୱ ବଢ଼ିବାରେ ଲାଗିଛି। ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ତଥ୍ୟ ଅନୁସାରେ ୨୦୧୪ ସାଧାରଣ ନିର୍ବାଚନରେ ଦେଶରେ ୬୦ ଲକ୍ଷରୁ ଅଧିକ ଭୋଟ୍ ନୋଟାରେ ପଡ଼ିଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ଥିଲା ୩,୩୨,୭୬୬। ଯାହାକି ଓଡ଼ିଶାରେ ଥିଲା ମୋଟ ଭୋଟ୍ ଦାନର ୧.୫୫ ପ୍ରତିଶତ। ସର୍ବାଧିକ ନୋଟା ଭୋଟ ପଡ଼ିଥିବା ଦେଶର ୧୦ ସଂସଦୀୟ କ୍ଷେତ୍ର ମଧ୍ୟରେ ଓଡ଼ିଶାରୁ ଥିଲା ୨। ନବରଙ୍ଗପୁରରେ ନୋଟାରେ ୪୪.୪୦୮ ଭୋଟ ପଡ଼ିଥିଲା। ଏହା ମୋଟ୍ ଭୋଟଦାନର ଥିଲା ୪.୩୪ ପ୍ରତିଶତ। ସେହିପରି କୋରାପୁଟ ସଂସଦୀୟ କ୍ଷେତ୍ରରେ ନୋଟାକୁ ଯାଇଥିଲା ୩୩,୨୩୨ ଭୋଟ୍ ଏହା ମୋଟ୍ ଭୋଟ ଦାନର ୩.୩୫ ପ୍ରତିଶତ ଥିଲା।୨୦୧୯ ସାଧାରଣ ନିର୍ବାଚନରେ ଦେଶରେ ୬୫,୨୨,୭୭୨ ମତଦାତା ନୋଟା ବଟନ୍ ବ୍ୟବହାର କରିଥିଲେ। ବିହାରରେ ସର୍ବାଧିକ ଦୁଇ ପ୍ରତିଶତ ନାଗାଲ୍ୟାଣ୍ଡରେ ସର୍ବନିମ୍ନ ୦.୧୯ ପ୍ରତିଶତ ନୋଟାକୁ ଭୋଟ୍ ଯାଇଥିଲା। ତଥ୍ୟ ଅନୁସାରେ ଲୋକସଭାର ୮୦ ପ୍ରତିଶତ ଆସନରେ ନୋଟା ଭୋଟ୍ ତୃତୀୟ କିମ୍ବା ଚତୁର୍ଥ ସ୍ଥାନରେ ରହିଥିଲା। ଅନେକ ଆସନରେ ବିଜୟ ଓ ପରାଜୟରେ ନୋଟାର ପ୍ରଭାବ ଦେଖିବାକୁ ମିଳିଥିଲା। ଗତ ନିର୍ବାଚନରେ ଓଡ଼ିଶାରେ ନୋଟାକୁ ୩,୧୦,୮୨୪ ଭୋଟ୍ ମିଳିଥିଲା। ଏହା ମୋଟ ଭୋଟ ଦାନର ୧.୩୧ ପ୍ରତିଶତ ଥିଲା। ନୋଟା ବ୍ୟବହାରରେ ଓଡ଼ିଶା ସମଗ୍ର ଦେଶରେ ଷଷ୍ଠ ସ୍ଥାନରେ ଥିଲା। ନୋଟା ବ୍ୟବହାରରେ ଓଡ଼ିଶା ସମଗ୍ର ଦେଶରେ ଷଷ୍ଠ ସ୍ଥାନରେ ଥିଲା। ଓଡ଼ିଶାର ୨୦ଟି ସଂସଦୀୟ କ୍ଷେତ୍ରରେ ବିଜେଡ଼ି, ବିଜେପି ଓ କଂଗ୍ରେସ ପରେ ନୋଟାକୁ ସର୍ବାଧିକ ଭୋଟ ଯାଇଥିଲା। ସୁନ୍ଦରଗଡ଼ରେ ନୋଟା ଭୋଟ ସଂଖ୍ୟା ପଞ୍ଚମ ସ୍ଥାନରେ ଥିଲା ଓ ୧୩ଟି ସଂସଦୀୟ କ୍ଷେତ୍ରରେ ନୋଟାକୁ ୧୦ ହଜାରରୁ ଅଧିକ ଭୋଟ ମିଳିଥିଲା। ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ନୋଟାକୁ ସର୍ବାଧିକ ୪୪.୫୮୨ ଭୋଟ ମିଳିଥିଲା। ବିଜେଡ଼ିର ରମେଶ ଚନ୍ଦ୍ର ମାଝୀ କଂଗ୍ରେସର ପ୍ରଦୀପ ମାଝୀଙ୍କୁ ୪୧.୬୩୪ ଭୋଟ ବ୍ୟବଧାନରେ ପରାସ୍ତ କରିଥିବା ବେଳେ ଏଠାରେ ଏହାଠାରୁ ଅଧିକ ଭୋଟ୍ ନୋଟାରେ ପଡ଼ିଥିଲା କୋରାପୁଟ ସଂସଦୀୟ କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲାକା ବିଜେଡ଼ି ପ୍ରାର୍ଥୀ କୌଶଲ୍ୟା ହିକକାଙ୍କୁ ୩,୬୧୩ ଭୋଟ ବ୍ୟବଧାନରେ ପରାସ୍ତ କରିଥିବାବେଳେ ନୋଟାକୁ ମିଳିଥିଲା ୩୬,୫୬୧ ଭୋଟ। ସେହିଭଳି ସମ୍ବଲପୁର ଲୋକସଭା କ୍ଷେତ୍ରରେ ବିଜେପି ପ୍ରାର୍ଥୀ ନିତେଶ ଗଙ୍ଗଦେବ ବିଜେଡ଼ିର ନଳୀନିକାନ୍ତ ପ୍ରଧାନଙ୍କୁ ୯,୧୬୨ ଭୋଟରେ ପରାସ୍ତ କରିଥିବା ବେଳେ ନୋଟାକୁ ମିଳିଥିଲା ୧୩,୪୫୬। ୨୦୧୩ ମସିହାରେ ସୁପ୍ରିମକୋର୍ଟ ପିୟୁସିଏଲ୍ ବନାବ ନିର୍ବାଚନ କମିଶନ ମାମଲାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଜନପ୍ରତିନିଧି ଆଇନର ତର୍ଜମା କରିଥିଲେ ଯେ ହେତୁ ନାଗରିକମାନଙ୍କର ଭୋଟ ଦେବାର ଅଧିକାର ଅଛି। ସେହେତୁ ସେମାନଙ୍କର ଭୋଟ ପ୍ରାର୍ଥୀମାନଙ୍କୁ ପ୍ରତ୍ୟାଖ୍ୟାନ କରିବାର ମଧ୍ୟ ଆଇନଗତ ଅଧିକାର ଅଛି। ଏହାପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଜନପ୍ରତିନିଧି ଆଇନାରେ ସଂଶୋଧନ ହେଲା ଏବଂ ତା'ପରଠାରୁ ଲୋକସଭା, ବିଧାନସଭା, ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ନିର୍ବାଚନରେ 'ନୋଟା'ର ବ୍ୟବସ୍ଥା କରାଗଲା। ଏହାର ଅର୍ଥ ହେଲା ଯେ ମତଦାତା ଯଦି ସମସ୍ତ ପ୍ରାର୍ଥୀଙ୍କୁ ପସନ୍ଦ ନ କରନ୍ତି ସେଥିପାଇଁ ମଧ୍ୟ ବଟନ୍ ଟିପି ନିଜର ବିରୋଧ ପଞ୍ଜୀକୃତ କରିପାରିବେ। 'ନନ୍ ଅଫ୍ ଦି ଏବୋଭ' (ସଂକ୍ଷିପ୍ତରେ ନୋଟା) ସେହିଦିନଠାରୁ ଭାରତର ନିର୍ବାଚନରେ ଏକ ଉଲ୍ଲେଖନୀୟ ବ୍ୟବସ୍ଥା ହୋଇ ଉଭା ହୋଇଛି। ନିକଟରେ ଏହି 'ନୋଟା' ବ୍ୟବସ୍ଥା ସମ୍ପର୍କୀୟ ମାମଲା ପୁଣି ସୁପ୍ରିମକୋର୍ଟରେ ଦାୟର କରାଯାଇଛି। ଗତ ପ୍ରାୟ ଦଶବର୍ଷରେ ବିଭିନ୍ନ ନିର୍ବାଚନରେ 'ନୋଟା' ବ୍ୟବସ୍ଥାକୁ ନେଇ ଯେଉଁ କେତେକ ବିବାଦୀୟ ସ୍ଥିତି ସାମ୍ନାକୁ ଆସିଛି ତାହାର ତର୍ଜମା କରି ସମାଧାନ କରିବା ପାଇଁ ଖ୍ୟାତନାମା ବାଗ୍ମୀ ଶିବ ଖେରା ଉଚ୍ଚତମ ଅଦାଲତରେ ଏହି ପ୍ରାର୍ଥନା କରିଛନ୍ତି।ଗତ କିଛି ବିର୍ଷ ମଧ୍ୟରେ ଭାରତରେ ବିଭିନ୍ନ ନିର୍ବାଚନରେ 'ନୋଟା' ଅନ୍ତର୍ଗତ କେତେକ ବିଲକ୍ଷଣ ସ୍ଥିତି ତଥା ବ୍ୟତିକ୍ରମ ସାମ୍ନାକୁ ଆସିଛି। ସୁରାଟର ଘଟଣା ଏ ଶଙ୍ଖଳାରେ ଏକ ସଦ୍ୟତମ କଡ଼ି। ସେହିଭଳି ରାଜ୍ୟସଭା ନିର୍ବାଚନରେ ମଧ୍ୟ 'ନୋଟା' ବ୍ୟବସ୍ଥା ରଖାଯାଇଥିଲା, କିନ୍ତୁ ପରେ ବାତିଲ କରାଗଲା। ମହାରାଷ୍ଟ୍ର, ହରିଆଣା, ଦିଲ୍ଲୀ, ପୁଦୁଚେରୀ ବିଧାନସଭା ନିର୍ବାଚନରେ ଦେଖାଯାଇଥିଲା ଯେ ବିଜୟୀ ପ୍ରାର୍ଥୀ ଯେତିକି ଭୋଟ୍ ବ୍ୟବଧାନରେ ଜିଣିଥିଲେ, 'ନୋଟା'ରେ ତା'ଠାରୁ ଅଧିକ ଭୋଟ ପଡ଼ିଥିଲା। ତା'ମାନେ 'ନୋଟା'ରେ ପଡ଼ିଥିବା ଭୋଟ ଯେହେତୁ ବିଜୟୀ ପ୍ରାର୍ଥୀଙ୍କ ବିରୋଧରେ ବୋଲି ଗଣାଯିବ। ତେଣୁ ସେ କ୍ଷେତ୍ରରେ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ବିଜୟୀ ବୋଲି କିପରି ଘୋଷଣା କରାଯିବ ? ଏମିତି ବି ସ୍ଥିତି ଆସିଛି ଯେ 'ନୋଟା' ପଡ଼ିଥିବା ମୋଟ ଭୋଟ୍ ସଂଖ୍ୟା ସବୁ ପ୍ରାର୍ଥୀଙ୍କ ଭୋଟ୍‌ରୁ ଅଧିକ। ଏଭଳି ପରିସ୍ଥିତିରେ ନିର୍ବାଚନ ବାତିଲ କରାଯାଇ ସାନି ମତଦାନର ଆୟୋଜନ କରାଯାଇଛି ଏବଂ ପୂର୍ବର ପ୍ରାର୍ଥୀଙ୍କୁ ନିର୍ବାଚନରେ ଭାଗ ନେବା ପାଇଁ ଅନୁମତି ମିଳିନାହିଁ। ତେଣୁ ଯଦିବା ଆଦର୍ଶଗତ ଦୃଷ୍ଟିରୁ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ମତଦାନର ପବିତ୍ରତା ବଜାୟ ରଖିବା ପାଇଁ 'ନୋଟା' ଅତି ଆବଶ୍ୟକ। ତେବେ ବାସ୍ତବିକ କ୍ଷେତ୍ରରେ 'ନୋଟା' ଜଣେ ବ୍ୟକ୍ତିବିଶେଷ ହୋଇନଥିବାରୁ ଯେଉଁଭଳି ବିସଙ୍ଗତି ଦେଖାଯାଉଛି ତାହାର ସମାଧାନ ତ ଖୋଜିବାକୁ ପଡ଼ିବ। ନଚେତ୍ 'ନୋଟା' ଏକ ଅର୍ଥହୀନ ପ୍ରତୀକାତ୍ମକ ବ୍ୟବସ୍ଥା ହୋଇ ରହିଯିବ। କାରଣ 'ନୋଟା' ପ୍ରଚଳନର ପ୍ରଧାନ ଉଦ୍ଦେଶ୍ୟ ଥିଲା, ମତଦାତାମାନଙ୍କର ପ୍ରାର୍ଥୀ ଓ ଦଳୀୟ ବ୍ୟବସ୍ଥାକୁ ବିରୋଧ କରିବାର ମୌଳିକ ଅଧିକାର ସ୍ୱୀକୃତି। ଯଦି ସବୁବେଳେ ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି ଥାଏ କିମ୍ବା ସ୍ଥାନୀୟ ସମସ୍ୟାର ସମାଧାନ ପ୍ରତି କାହାରି ନିଷ୍ଠା ଓ ଆନ୍ତରିକତା ନଥାଏ ତେବେ ମତଦାତାମାନଙ୍କର ଅସହମତି ପ୍ରକାଶ କରିବାର ଏକ ନିଶ୍ଚିତ ମାର୍ଗ ହେଲା 'ନୋଟା'। ଅବଶ୍ୟ ଭୋଟଦାନ ତଥ୍ୟରୁ ଯାହା ଦେଖାଯାଉଛି ଯେ ମୋଟ ମତଦାତା ସଂଖ୍ୟାରେ ପ୍ରାୟ ଏକ-ତୃତୀୟାଂଶ ମତଦାତା ଭୋଟ ଦେବାକୁ ଯାଉନାହାନ୍ତି। ସହରାଞ୍ଚଳରେ ଏହା ବେଶି ଦେଖାଯାଉଛି। ସମ୍ପ୍ରତି ନିର୍ବାଚନ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ପ୍ରଥମ ଦୁଇ ଭୋଟଦାନ ପର୍ଯ୍ୟାୟରେ ମତଦାନ ଗତ ଲୋକସଭା ନିର୍ବାଚନଠାରୁ କମିଛି। ପର୍ଯ୍ୟବେକ୍ଷକଙ୍କ ମତ ଯେ ଶିକ୍ଷିତ ଓ ସମ୍ପନ୍ନ ବର୍ଗଙ୍କ ଉଦାସୀନତା, ଅସହ୍ୟ ଗ୍ରୀଷ୍ମ ତାତି, ଦଳୀୟ ସଂକଳ୍ପ ପତ୍ରରେ ସ୍ଥାନୀୟ ସମସ୍ୟାକୁ ଉପେକ୍ଷା ଏବଂ ପ୍ରାର୍ଥୀ ମନୋନୟନ ଅଭିଜ୍ଞତା ଓ ଦକ୍ଷତା ଆଦିର ଅଭାବ ଆଦି ମତଦାତାଙ୍କ ଅନୁପସ୍ଥିତିର କାରଣ। ଯଦି ଶତପ୍ରତିଶତ ମତଦାନ ବାଧ୍ୟତାମୂଳକ ହୋଇଥା'ନ୍ତା ଏହି ଅନୁପସ୍ଥିତ ଭୋଟରମାନେ ନିଶ୍ଚୟ 'ନୋଟା'ରେ ଭୋଟ ଦେଇଥା'ନ୍ତେ। ଏ ପର୍ଯ୍ୟନ୍ତ 'ନୋଟା' ଭୋଟର ପରିମାଣ ଦେଢ଼ରୁ ଦୁଇ ପ୍ରତିଶତ ଭିତରେ ରହିଛି। ବାଧ୍ୟତାମୂଳକ ଭୋଟ ହେଲେ ଏହା କେତେ ପ୍ରତିଶତ ହେବ ତାହା ସହଜରେ ଅନୁମେୟ। ତେଣୁ 'ନୋଟା' ବ୍ୟାବହାରିକ ପକ୍ଷରୁ ଆଇନତଃ ସୁରକ୍ଷିତ କଲେ ପ୍ରତିନିଧିମୂଳକ ଗଣତନ୍ତ୍ର ଯେ ଆହୁରି ସୁଦୃଢ଼ ହେବ ଏଥିରେ ସନ୍ଦେହ ନାହିଁ।'ନୋଟା' ବ୍ୟବସ୍ଥା ଯେତେବେଳେ ଲାଗୁ ହେଲା, ସେତେବେଳେ କେହି ଭାବିନଥିଲେ ଯେ 'ନୋଟା'କୁ ଆଇନତଃ, ଏକ ଭୋଟ ପ୍ରାର୍ଥୀ ବୋଲି ଧରାଯିବ ଆବଶ୍ୟକ ହେବ। ସତରେ ଯଦି 'ନୋଟା'ର ଭୋଟ ପ୍ରାର୍ଥୀଙ୍କ ସବୁ ପ୍ରାର୍ଥୀଙ୍କ ଭୋଟରୁ ଅଧିକ ହୁଏ, ଏହା କଣ ସେହି ନିର୍ବାଚନ ମଣ୍ଡଳୀର ସାମୁହିକ ଜନାଦେଶ ନୁହେଁ ? ସମ୍ପୃକ୍ତ ପ୍ରାର୍ଥୀମାନଙ୍କୁ ଯେ ସମ୍ପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ନାକଚ କଲା, ତେଣୁ ଏହାପରେ 'ପରାଜିତ' ପ୍ରାର୍ଥୀମାନଙ୍କୁ ସାନି ନିର୍ବାଚନରେ ପ୍ରାର୍ଥୀ ରୂପେ ପୁଣି ଥରେ ଭାଗ ନେବା ପାଇଁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ ନୁହେଁ କି ? ଏହାଛଡ଼ା ସାନି ନିର୍ବାଚନରେ ମଧ୍ୟ ଯଦି 'ନୋଟା' ସର୍ବାଧିକ ଭୋଟ ପାଇଲା, ତେବେ ଏହିଭଳି ନିର୍ବାଚନ କେତେଥର ପର୍ଯ୍ୟନ୍ତ କରାଯିବ ? ବିଜୟୀ ପ୍ରାର୍ଥୀଙ୍କ ଭୋଟ ବ୍ୟବଧାନରୁ 'ନୋଟା'କୁ ଯଦି ସର୍ବାଧିକ ଭୋଟ ମିଳେ ତେବେ ତା' ପଛକୁ ଯେଉଁ ପ୍ରାର୍ଥୀ ରହିବେ ତାଙ୍କୁ ବିଜୟୀ ଘୋଷଣା କରାଯିବ। କେତେଦୂର ଆଇନସଙ୍ଗତ ? ପଞ୍ଚାୟତ ସ୍ତରର ନିର୍ବାଚନରେ ଭୋଟଦାତାଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ରହୁଥିବାରୁ ଏଭଳି ଅନେକ ପରିସ୍ଥିତି ସାମ୍ନାକୁ ଆସିଛି ଏବଂ ସମ୍ପୃକ୍ତ ନିର୍ବାଚନ ଅଧିକାରୀ ଆଇନ ପରିଧିରେ ରହି ବିବେକାନୁମୋଦିତ ପଦକ୍ଷେପ ନେଇଛନ୍ତି। ତେବେ ଏ ବ୍ୟବସ୍ଥାକୁ ସ୍ପଷ୍ଟ ଭାବେ ଆଇନସମ୍ମତ କରିବା ଉଚିତ ନୁହେଁ କି ? ଏହିଭଳି ଅନେକ ଯୁକ୍ତିଯୁକ୍ତ ପ୍ରଶ୍ନ ଓ ପ୍ରସଙ୍ଗରେ ଉଚ୍ଚତମ ଅଦାଲତ ଦ୍ୱାରା ଶିବ ଖେରା ମାମଲାରେ ସ୍ପଷ୍ଟ ନିର୍ଣ୍ଣୟ ମିଳିବ ବୋଲି ଆମେ ଆଶା କରୁ। ତେବେ ନୋଟା ପ୍ରସଙ୍ଗ ଯାହାହେଉନା କାହିଁକି ପ୍ରାର୍ଥୀମାନେ ଗ୍ରହଣୀୟ ହୁଅନ୍ତୁ, ନିଜର ବିକାଶ ବା ଉନ୍ନତି ପରିବର୍ତ୍ତେ ରାଜ୍ୟର ବିକାଶକୁ ପ୍ରାଧାନ୍ୟ ଦେଲେ ସେମାନଙ୍କ ବିଜୟ ସୁନିଶ୍ଚିତ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*




# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

ଭୁବନେଶ୍ୱର, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତ୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼୍ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷୀରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ । ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତ୍ତକତାର ବାର୍ତ୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତ୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତି ।

# ୧୩ ନମ୍ବର ଜୋନ୍‌ରେ ହିମାଂଶୁଙ୍କ ନିର୍ବାଚନୀ ପ୍ରଚାର

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୩ନମ୍ବର ଜୋନ୍‌ର ୪ଟି ପଂଚାୟତରେ ଯୁବନେତା ହିମାଂଶୁ ଶେଖର ସାହୁ(ଲିକୁ) ନିଜ ସମର୍ଥକଙ୍କ ଗହଣରେ ଆଜି ନିର୍ବାଚନ ପ୍ରଚାର କରିଛନ୍ତି । ଶତାଧିକ ବାଇକ୍ ଓ କାର୍‌ରେ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଲିକୁଙ୍କ ସପକ୍ଷରେ ସ୍ଲୋଗାନ୍ ଦେଇଥିଲେ । କୁମାରୀ ପଂଚାୟତର ଜାଲସୁଖା ଗାଁ, ପଣ୍ଡୁଆ, ଦେଉଳିପାଳ, କୁମାରୀ, ଗଙ୍ଗାଧରପୁର ପଂଚାୟତର କଣିପାଟିଆ, ପଲାର, ବଙ୍ଗାଳି ସାହି, ନାକପୋଲ ବଜାର, ଥାନୁଆଳ ପଂଚାୟତର କାନପୁର, କ ।ମାଳିଆ, ଗୁଆରଙ୍ଗ, ଥାନୁଆଳ, ପାଖର ପଂଚାୟତର ବାଜବାଟି, ଗୌଡ଼ତଳି, ନାକୁଆ, ଛେଳିଆପଦା, ପାଖର, ବିରିବାଟି ଓ ଓସରା ଛକରେ ରୋଡ୍‌ସୋ' ହୋଇଥିଲା । ବିଭିନ୍ନ ସ୍ଥାନରେ ଯୁବନେତା ଶ୍ରୀ ସାହୁଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ମହିଳାମାନେ ବନ୍ଦାପନା କରିଥିଲେ । ଧର୍ମଶାଳାରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ହଟାଇବା ପାଇଁ ଲିକୁ ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ । ତାଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରିବାକୁ ସମର୍ଥକମାନେ ଅନୁରୋଧ କରିଥିଲେ । ବିଜେପି ଜିଲ୍ଲା ସଂପାଦକ ମୁରଲୀଧର ପାଣ୍ଡବ, ପାଖର ପଂଚାୟତ ପ୍ରଭାରୀ ଯୁଗଳ କିଶୋର ଦାସ, ଶଙ୍କର୍ଷଣ ଘଡ଼ାଇ, ଦୁର୍ଯ୍ୟୋଧନ ବେହେରା, ନରହରି ସାହୁ, ବିଚିତ୍ର କୁମାର ରାଉତ, ନିତ୍ୟାନନ୍ଦ ଦେହୁରୀ, ବିଜେପି କାର୍ଯ୍ୟକର୍ତ୍ତା ଚନ୍ଦ୍ରମଣି ପଣ୍ଡିତ, ଚିତରଂଜନ ଶତପଥୀ, ବଳରାମ ଦାସ, ଶିବୁଲି ଧୀର, ରବୀନ୍ଦ୍ର ବରାଳ, ଧନଞ୍ଜୟ ପାଣ୍ଡବ, ଜ୍ୟୋତିରଂଜନ ପରିଡ଼ା, ପବିତ୍ର ମଲିକ, ଭରତ ରାଉତ, ଜ୍ଞାନରଂଜନ ବରାଳ, ସ୍ୱୟଂପ୍ରକାଶ ମିଶ୍ର, ଅରବିନ୍ଦ ନାୟକ, ବିଜନ ଦାସ, ପ୍ରଭାସ ବରାଳ, ରମେଶ ବେହେରା, ନନ୍ଦକିଶୋର ସ୍ୱାଇଁ, ପ୍ରଶାନ୍ତ ଯେନା, ପଟିନ ସାମଲ, ଯତିନ୍ଦ୍ର ସ୍ୱାଇଁ, ରାଜକିଶୋର ସ୍ୱାଇଁ, କାହ୍ନୁଚରଣ ନାୟକ, ସଂଜୟ ସାହୁ, ବାବୁଲି ସାମଲ, ତୁଷାର ଖୁ ିଆ, ବାବନ ଖୁ ିଆ, ମାନଗୋବିନ୍ଦ ଖୁ ିଆ, ଶୁଭ୍ରକାନ୍ତ ନାୟକ, ବିଶ୍ୱଜିତ୍ ଧଳ, ଜିତେନ୍ଦ୍ର ସାମଲ, ପ୍ରତାପରୁଦ୍ର ମହାନ୍ତି ଯୋଗଦେଇ ବିଭିନ୍ନ ଗାଁରେ ବିଜେଡ଼ି ସରକାରର କୁଶାସନ ବିରୋଧରେ ଜନସଚେତନତା ସୃଷ୍ଟି କରିଥିଲେ । ଯୁବ ସଂଗଠକ ରାଜେଶ୍ କୁମାର ପାଳ, ଅକ୍ଷୟ କୁମାର ପଣ୍ଡା, ପ୍ରସନ୍ନ କୁମାର ଦୋରା, ସୁବାସ ଚନ୍ଦ୍ର ଦୋରା, ଜିତେନ୍ଦ୍ର ମଲ୍ଲିକ, ତପନ କୁମାର ଜେନା, ରାକେଶ ଦୋରା, ପ୍ରମୋଦ ଜେନା, ବିନ ପଲେଇ ଓ ଧନେଶ୍ୱର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023


Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Monday May 13, 2024 ଭୁବନେଶ୍ୱର ସୋମବାର, ମଇ ୧୩,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ




ଭୁବନେଶ୍ୱର,(ପି.ଏନ): ବିନ୍ଦୁ ସାହିତ୍ୟ ସମାଜ, ଭୁବନେଶ୍ୱର ତରଫରୁ ବାର୍ଷିକୋତ୍ସବ ତଥା ଦଶମ ସାରସ୍ୱତ ଉତ୍ସବ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ସଭାକକ୍ଷଠାରେ ତା ୧୨/୦୫/୨୦୨୪ରିଖ ଦିନ ପାଳନ କରା ଯାଇଅଛି । ବାଉରିବନ୍ଧୁ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାହିତ୍ୟିକ ତଥା ଦୈନିକ ନିତିଦିନର ସଂପାଦକ, ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ତଥା ଭାରତୀୟ ଗଣ ଯୋଗାଯୋଗ ସଂସ୍ଥାନ,ଢେଙ୍କାନାଳର ନିର୍ଦ୍ଦେଶକ, ପ୍ରଫେସର ମୃଣାଳ ଚ଼ାଟାର୍ଜି, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଲୋକକବି ଡଃ କାଳିପ୍ରସନ୍ନ ଶତପଥୀ ଯୋଗ ଦେଇ ଓଡିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମୁଖ୍ଯ ଅତିଥି ଶ୍ରୀ ମହାପାତ୍ର ଅବକ୍ଷୟମୁଖୀ ଆମ ଭାଷାର ସୁରକ୍ଷା ପାଇଁ ଯୁବ କବି ଓ ଲେଖକ ମାନେ ଆଗେଇ ଆସନ୍ତୁ ବୋଲି କହିଥିଲେ। ସାହିତ୍ୟିକ ମାନଙ୍କର ବିଶାଳ ହୃଦୟ ହେବା ଉଚ଼ିତ । ଯେତେବେଳ ପର୍ଯ୍ୟନ୍ତ ଅହଂକାର ଅଛି, ଚେତନାକୁ ଜାଣିପାରିବାନି । ସମ୍ମାନିତ ଅତିଥି, ପ୍ରଫେସର ଚ଼ାଟାର୍ଜି ତାଙ୍କ ଅଭିଭାଷଣରେ ଓଡିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ବିନ୍ଦୁ ସାହାତ୍ୟ ସମାଜର ଉଦ୍ୟମକୁ ପ୍ରଶଂସା କରିଥିଲେ । ଶ୍ରୀ ଚ଼ାଟାର୍ଜି କହିଥିଲେ, ଗୋଟିଏ କବି ଭିତରେ ପ୍ରତିବାଦୀର ସ୍ୱର ରହିବା ଉଚ଼ିତ ଓ ସାହାସର ସହ ଲେଖନୀ ଚ଼ାଳନା କରିବା ଉଚ଼ିତ । ମୁଖ୍ୟ ବକ୍ତା ଡଃ କାଳିପ୍ରସନ୍ନ ଶତପଥୀ ସାହିତ୍ୟ ,ସଂସ୍କୃତି ସହ ଧର୍ମର ସମନ୍ୱୟକୁ ବିଭିନ୍ନ ଦୃଷ୍ଟିକୋଣରେ ତର୍ଜମା କରିଥିଲେ । ଆମ ଶରୀର ବିନ୍ଦୁମୟ । ବିନ୍ଦୁରୁ ଆମେ ସମସ୍ତେ ସୃଷ୍ଟି । ଯିଏ ବ୍ରହ୍ମବିନ୍ଦୁ ନ ଚ଼ିହ୍ନିଲା, ତାର ଜୀବନର ନିରର୍ଥକ । ଗୀତାର ବିଭିନ୍ନ ଦିଗ ଉପରେ ଆଲୋଚ଼ନା କରିବା ଛଳରେ ପ୍ରଫେସର ଶତପଥୀ ଗୀତାକୁ ସର୍ବଧର୍ମର ଗ୍ରନ୍ଥବୋଲି ଅଭିହିତ କରିଥିଲେ ।ଇତ୍ୟବସରରେ ୨୦୨୩-୨୦୨୪ ପାଇଁ 'ବିନ୍ଦୁ ସାହିତ୍ୟ ସମ୍ମାନ', ଲବ୍ଧ ପ୍ରତିଷ୍ଠିତ କବି ଶ୍ରୀ ସଂଜୀତ ବଳଙ୍କୁ ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ବଳ ବିନ୍ଦୁ ସାହିତ୍ୟ ସମାଜ ପାଖରେ ନିଜର କୃତଜ୍ଞତା ପ୍ରକାଶ କରିଥିଲେ । ଏହାପରେ 'ବିନ୍ଦୁ ପ୍ରତିଭା ସମ୍ମାନ-୨୦୨୩-୨୦୨୪', ସମୀର କୁମାର ଜେନା, କୁମୁଦିନୀ ଜୀ, ପ୍ରଭାତ ନଳିନୀ ମହାପାତ୍ର, କୈଳାସ ଚ଼ନ୍ଦ୍ର ସାହାଣୀ,ପ୍ରଦୀପ ସାହୁ, ସୁଜାତା ରାଉତରାୟ ଓ ଅଜିତା ମିଶ୍ରଙ୍କୁ ପ୍ରଦାନ କରା ଯାଇଥିଲା । ବରିଷ୍ଠ ସାହିତ୍ୟିକ ଶ୍ରୀ ଭକ୍ତ ଚ଼ରଣ ମଲ୍ଲ , ସୁସାହିତ୍ଯିକା ସ୍ୱପ୍ନା ବେହେରା ଓ କବି ପୂର୍ଣ୍ଣାନନ୍ଦ ମହାନ୍ତିଙ୍କ ସଂଚ଼ାଳନାରେ ଅନୁଷ୍ଠିତ ଉକ୍ତ ଉତ୍ସବ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଆରମ୍ଭ କରାଯାଇଥିଲା ।ଉକ୍ତ ଉତ୍ସବରେ ବିନ୍ଦୁ ସାହିତ୍ୟ ସମାଜର ମୁଖପତ୍ର 'ବିନ୍ଦୁ'କୁ ଅତିଥି ମାନେ ଉନ୍ମୋଚ଼ନ କରିଥିଲେ । ସଭାପତି ବାଉରିବନ୍ଧୁ ଲେଙ୍କା, ତାଙ୍କ ଆଦ୍ୟ ଭାଷଣରେ ବିନ୍ଦୁ ସାହିତ୍ୟ ସମାଜର ଗଠନ ଓ ଏହାର ଆଭିମୂଖ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଅତିଥି ପରିଚ଼ୟ ପ୍ରଦାନ କରିଥିଲେ, କାର୍ଯ୍ୟକାରୀ ସଭାପତି ଡଃ ଶଶୀ ଭୂଷଣ ମହାପାତ୍ର । ଅରୁଣ କୁମାର ବିଶ୍ୱାଳ ତାଙ୍କ ସମ୍ପାଦକୀୟ ବିବରଣୀରେ ବିନ୍ଦୁର ବିଭିନ୍ନ କାଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସଂପାଦକ ବିଜନ ରାୟ । ପରେ କବୀ ସୁଷମା ପରିଜା, ଅମ୍ବିକା ସ୍ୱାଇଁ, ନଳିନୀ ବେହେରା,ବିପ୍ଳବ ଓ ହୀରକ ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ସଂଜିତ ବଳ, ବିଜୟ କୁମାର ମହାପାତ୍ର, ବାଦଲ ମହାନ୍ତି, ଯୋଗ୍ୟଶ୍ରୀ ସାମଲ,ଡଃ ସତ୍ୟ ନାରାୟଣ ମିଶ୍ର, ଗୌରପ୍ରିୟା ଦାଶ, ବାଉରିବନ୍ଧୁ ଲେଙ୍କା, ଶଶୀ ଭୂଷଣ ମହାପାତ୍ର, କଳକ ଲତା ଦାଶ, ସୁଜାତା ରାଉତରାୟ, ପ୍ରଦୀପ କୁମାର ସାହୁ, ଅନୁରାଧା ମିଶ୍ର, ଲୋପାମୁଦ୍ରା ଜେନା, ଅଜିତା ମିଶ୍ର,ନଳିନୀ ବେହେରା,ଲକ୍ଷ୍ମୀପ୍ରିୟା ରାଉତରାୟ, ବିଦ୍ୟୁତଲତା ଦାସ, କାଳି ପ୍ରସନ୍ନ ଶତପଥୀ, ରବି ନାରାୟଣ ପତି ଆଦି ଶତାଧିକ କବି/କବୟତ୍ରୀ କବିତା ପାଠ କରିଥିଲେ ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ଆନୁକୂଲ୍ୟରେ ପ୍ରାଥମିକ ଶିକ୍ଷା ବର୍ଗ-୨୦୨୪ ଅନୁଷ୍ଠିତ

ପାରାଦୀପ,(ପି.ଏନ):ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କଟକ ଶାଖା ଆନୁକୂଲ୍ୟରେ ଏକ ପ୍ରାଥମିକ ଶିକ୍ଷା ବର୍ଗ ୨୦୨୪ ପାରାଦୀପ ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମଇ ମାସ ୫ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ବର୍ଗରେ କଟକ, ଜଗତସିଂହପୁର, କେନ୍ଦ୍ରାପଡା ଜିଲ୍ଲାରୁ ଶତାଧିକ ସ୍ୱୟଂସେବକ ମାନେ ଉପସ୍ଥିତ ରହି ସଂଘର ବିଭିନ୍ନ ଶାରୀରିକ ଓ ବୌଦ୍ଧିକ ବିକାଶ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଦେଶଭକ୍ତି ଜାଗ୍ରତ ଓ ଜୀବନ ଶୈଳୀ କୁ ଶୃଙ୍ଖଳିତ କରି ଗଢି ତୋଳିବା ପାଇଁ ସଙ୍ଘ ପକ୍ଷରୁ ପ୍ରତିବର୍ଷ ଏହିପରି ପ୍ରଶିକ୍ଷଣ ବର୍ଗ ଆୟୋଜିତ କରିଥାଏ । ପାରାଦୀପ ରେ ଆୟୋଜିତ ଏହି ପ୍ରାଥମିକ ବର୍ଗ ସଙ୍ଘ ର କଟକ ଶାଖାର ବିଭାଗ କାର୍ଯ୍ୟବାହ ଶରତ ଚ଼ନ୍ଦ୍ର ସେନ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା ।

## କପିଳ ମୁନି ଆଶ୍ରମରେ ନୂତନ ଶନି ମନ୍ଦିର ବିଗ୍ରହ ପ୍ରତିଷ୍ଠା




ପାରାଦୀପ,(ପି.ଏନ): ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗ୍ରହଙ୍କ ଭିତରେ ସର୍ବଶ୍ରେଷ୍ଠ ଗ୍ରହରାଜ ହେଉଛନ୍ତି ଶନିଶ୍ଚର । ପାରାଦୀପ ଅଞ୍ଚଳରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ନ ଥିବା କାରଣରୁ ଅନେକ ଦିନ ହେବ ପାରାଦୀପ ରେ ଗ୍ରହରାଜଙ୍କ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଚ଼ାଲିଥିବା ପ୍ରୟାସ ର ପୂର୍ଣ୍ଣଛେଦ ପଡିଛି । ପାରାଦୀପ ମଧୁବନ ଠାରେ ରହିଥିବା କପିଳମୁନି ଆଶ୍ରମ ପରିସରରେ ଗ୍ରହରାଜ ଶନିଶ୍ଚର ଙ୍କ ମନ୍ଦିର ସ୍ଥାପନ ସହିତ ବିଶାଳ କଳସ ଶୋଭାଯାତ୍ରା ପାରାଦୀପ ପରିକ୍ରମା କରିଛି । ପାରାଦୀପ ଗଡରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ଥିବାବେଳେ ପାରାଦୀପର ଶ୍ରଦ୍ଧାଳୁ ପ୍ରଭୁ ଙ୍କ ଦର୍ଶନ କରିବାକୁ ଅନେକ ବ୍ୟାକୁଳ ହେଉଥିଲେ । ଏଥିରେ ପୂର୍ଣ୍ଣଛେଦ ପଡିବା ସହିତ ପାରାଦୀପ ମଧୁବନ ଠାରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ପ୍ରତିଷ୍ଠା ପରେ ଶ୍ରଦ୍ଧାଳୁଙ୍କ ମହଲରେ ଏକ ଆନନ୍ଦର ଲହରୀ ଖେଳିଯାଇଛି । ସକାଳ ଠାରୁ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଉତ୍ସାହର ସହ କଳସ ଶୋଭାଯାତ୍ରା ରେ ଭଗନେବା ସହିତ ପାରାଦୀପ ରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ନିକଟରେ ରୁଣ୍ଡ ହୋଇ ନିଜ ନିଜର ମାନସିକ ରଖିଛନ୍ତି । ତିନିଦିନ ବ୍ୟାପି ଏହି ଉତ୍ସବ ସଫଳତାର ସହ ଶନିବାର ଦିନ ଉଦଯାପିତ ହୋଇଯାଇଛି । ଏହି ଅବସରରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ଗ୍ରହରାଜଙ୍କ ଦର୍ଶନ ସମେତ ପ୍ରସାଦ ସେବନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ କୁ ବାବା ବୈକୁଣ୍ଠ ବିହାରୀ ଦାସ,କପିଳ ମୁନି ସେବା ଟ୍ରଷ୍ଟ ର ପରିଚ଼ାଳନା ଟ୍ରଷ୍ଟି ବିଜୟ କୁମାର ନାୟକ, ରାଜେନ୍ଦ୍ର କୁମାର ପରିଡା, ରମଣ ଦାଶ, ସୂର୍ଯ୍ୟକାନ୍ତ ସାହୁଙ୍କ ସମେତ ଟ୍ରଷ୍ଟ ର ସମସ୍ତ ସଦସ୍ୟ ଓ ସଦସ୍ୟା ଏଥିରେ ସକ୍ରିୟ ସହଯୋଗ କରିଥିଲେ।

## ଶ୍ରୀ ରାମଦୟା ପରିଷଦ ଆନୁକୂଲ୍ୟରେ ପାରାଦୀପରେ ୩୮ ତମ ରାମ ଚ଼ରିତ ମାନସ ପରାୟଣ ଓ ପ୍ରବଚ଼ନ କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ଅଗ୍ରଣୀ ଆଧାତ୍ମିକ ସଚେତନଧର୍ମୀ ଅନୁଷ୍ଠାନ 'ଶ୍ରୀ ରାମଦୟା ପରିଷଦ' ଆନୁକୂଲ୍ୟରେ ପାରାଦୀପ ର ମଧୁବନ ସ୍ଥିତ ମାରୁତି ମଣ୍ଡପ ଠାରେ ୩୮ ତମ ରାମ ଚ଼ରିତ ମାନସ ପରାୟଣ ଓ ପ୍ରବଚ଼ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି କ୍ଷ ଏହି କାର୍ଯ୍ୟକ୍ରମ ଚ଼ଳିତ ମଇ ମାସ ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଶୁକ୍ରବାର ଦିନ ଠାରୁ ଆରମ୍ଭ ହୋଇ ୧୮ ତାରିଖ ଶନିବାର ପର୍ଯ୍ୟନ୍ତ ଦୀର୍ଘ ୯ ଦିନ ଧରି ଚ଼ାଲିବ କ୍ଷ ପ୍ରତ୍ୟହ ସକାଳ ୭ ଘଟିକା ଠାରୁ ଦିବା ୧୨ ଘଟିକା ପର୍ଯ୍ୟନ୍ତ ପରମ ସନ୍ଥ ତୁଳସୀ ଦାସ କୃତ ଶ୍ରୀରାମ ଚ଼ରିତ ମାନସ ପରାୟଣ ପୁରୀ ର ସାଧୁ ସନ୍ଥ ମାନଙ୍କ ଦ୍ୱାରା ପରିବେଷିତ କ୍ଷ ଏହି ନଅ ଦିନ ବ୍ୟାପି କାର୍ଯ୍ୟକ୍ରମ ର ପ୍ରତ୍ୟହ ସନ୍ଧ୍ୟା ୭ ଟାରୁ ୭.୩୦ ମିନିଟ ସମୟ ପର୍ଯ୍ୟନ୍ତ ପାରାଦୀପ ର ଶ୍ରୀ ସତ୍ୟସାଇ ସେବା ସମିତି ଅନୁଷ୍ଠାନ ଦ୍ୱାରା ଭଜନ ପରିବେଷିତ ହେବ ଏବଂ ସନ୍ଧ୍ୟା ୭.୩୦ ମିନିଟ ଠାରୁ ମଧରାତ୍ର ପର୍ଯ୍ୟନ୍ତ ପରିଷଦର ନିମନ୍ତ୍ରିତ ପ୍ରବଚ଼କ ମାନଙ୍କ ଦ୍ୱାରା ପ୍ରବଚ଼ନ ପରିବେଷିତ ହେବ କ୍ଷ ଏଣୁ ସମସ୍ତ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କୁ ଏହି କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ଆଧାତ୍ମିକ ଅମୃତ ରସ ପାନ କରିବାକୁ ଶ୍ରୀ ରାମଦୟା ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି ।

## ସମାଜସେବୀ ସୁରତା କୟାଥରିନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, (ପି.ଏନ): ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଗରାପୁରସ୍ଥିତ ରେସଓ୍ୱା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ବିଶିଷ୍ଟ ସମାଜସେବୀ ସୁରତା କୟାଥରିନ ଦାସଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ସଂସଦର ସଭାପତି ପ୍ରଦୀପ କୁମସାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାଜସେବୀ ନଳିନୀବିହାରୀ ମହାନ୍ତି ଓ ଚି ରଞ୍ଜନ ଦାସ ଯୋଗଦେଇ ସ୍ୱର୍ଗତ ସୁରତା କୟାଥରିନ ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ରେସଓ୍ୱା ଦ୍ୱାରା ପରିଚାଳିତ ଜାଗୃତୀ -୨ର ଅଧିକ୍ଷିକା ମିନତୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରେସଓ୍ୱା ଦ୍ୱାରା ପରିଚାଳିତ ଜାଗୃତୀ -୨ ଏବଂ ଅନ୍ୟାନ୍ୟ ଅନ୍ତେବାସୀମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା ।

## କୁକୁଡାଖଣ୍ଡି ବ୍ଲକରେ ୧ଲକ୍ଷ ୨୨ହଜାର ମାତଦାତା

କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚ଼ନ୍ଦ୍ର), (ପି.ଏନ): କୁକୁଡାଖଣ୍ଡି ବ୍ଲକର ଦିଗପହଣ୍ଡି ନିର୍ବାଚ଼ନ ମଣ୍ଡଳୀ ଏବଂ ଗୋପାଳପୁର ନିର୍ବାଚ଼ନ ମଣ୍ଡଳୀ ରେ ୧ଲକ୍ଷ ୨୨ ହଜାର ୬୨୬ ଭୋଟର ନିଜ ମତ ସାବ୍ୟସ୍ତ କରିବେ । ମତଦାନ ନିମନ୍ତେ ସୋମବାର ସକାଳ ୭ ଠାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ବ୍ଲକରେ ହୋଇଥିବା ବୁଥ ଗୁଡିକରେ ଅନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିଛି ବ୍ଲକ ପ୍ରଶାସନ । ବ୍ଲକ ର ବିଭିନ୍ନ ପଞ୍ଚାୟତ ରେ ୬ ଟି ଆଦର୍ଶ ବୁଥ, ସଖୀ ବୁଥ ୧୬ ଟି ସହ ସମୁଦାୟ ୨୧ ଟି ମତଦାନ କେନ୍ଦ୍ର ରହିଛି ।ଚ଼ଳିତବର୍ଷ ନିର୍ବାଚ଼ନ ଏଥିରେ ଲୋକ ସଭା ଏବଂ ବିଧାନସଭା ସଦସ୍ୟଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର । ଏଥିରେ ୭୩୮ ଜଣ ପୋଲିଂ ଅଧିକାରୀ ନିୟଜିତ ରହିବେ କ୍ଷ କୁକୁଡାଖଣ୍ଡି ବ୍ଲକର ଦିଗପହଣ୍ଡି ନିର୍ବାଚ଼ନ ମଣ୍ଡଳୀର ୧୭ ଟି ପଂଚ଼ାୟତର ୮୭୮୧୨ ଜଣ ମତଦାତା ରହିଥିବା ବେଳେ ସେଥିମଧରେ ଭିନ୍ନକ୍ଷମ ଭୋଟର ୧୫୪୮ ଜଣ ରହିଛନ୍ତି କ୍ଷ ସେହିପରି ବ୍ଲକ ର ୫ ଟି ପଂଚ଼ାୟତ ଗୋପାଳପୁର ନିର୍ବାଚ଼ନି ମଣ୍ଡଳୀ ରେ ରହିଛି ସେହି ପଂଚ଼ାୟତ ଗୁଡିକ ରେ ୩୪୮୧୪ ଜଣ ଭୋଟର ରହିଥିବା ବେଳେ ସେଥିମଧରେ ଭିନ୍ନକ୍ଷମ ଭୋଟର ୬୩୮ ଜଣ ରହିଛନ୍ତି । ବ୍ଲକ ର ଦିଗପହଣ୍ଡି ନିର୍ବାଚ଼ନ ମଣ୍ଡଳୀ ର ୧୭ ଟି ପଂଚ଼ାୟତ ରେ ସଖୀବୁଥ ୧୩ ଟି ଏବଂ ଆଦର୍ଶ ବୁଥ ୫ ଟି ରେ ପୋଲିଂ ଅଧିକାରୀ ୫୩୪ ଜଣକୁ ନିର୍ବାଚ଼ନ ବିଭାଗ ପକ୍ଷରୁ ନିଯୁକ୍ତ କରାଯାଇଛି । ସେହିପରି ବ୍ଲକ ର ୫ ଟି ପଂଚ଼ାୟତ ଗୋପାଳପୁର ନିର୍ବାଚ଼ନ ମଣ୍ଡଳୀରେ ସଖୀ ବୁଥ ୩ ଟି ଏବଂ ଆଦର୍ଶ ବୁଥ ୧ ଟି ରେ ପୋଲିଂ ଅଧିକାରୀ ୨୦୪ଜଣକୁ ନିଯୁକ୍ତ ଦିଆଯାଇଛି କ୍ଷ ପ୍ରଶାସନ ତରଫରୁ ୧ଲକ୍ଷ ୨୨ ହଜାର ଭୋଟର ଙ୍କୁ ମତଦାନ ନିମନ୍ତେ ଅନୁରୋଧ କରାଯାଇଥିବା ବିଡ଼ିଓ ପଲ୍ଲବି ସ୍ୱାଇଁ ଅନୁରୋଧ କରିଛନ୍ତି ।

## ରାମଚ଼ନ୍ଦ୍ରପୁର ଠାରେ ଗ୍ରହରାଜ ଶନି ଦେବଙ୍କ ମହାଯଜ୍ଞ



ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀଡିହ ପଞ୍ଚାୟତ ଅଧିନ ରାମଚ଼ନ୍ଦ୍ରପୁର ଠାରେ ଗ୍ରହରାଜ ଶନିଶ୍ଚର ଦେବଙ୍କ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଚ଼ଳିତ ମାସ ୧୦ ତାରିଖ ଆରମ୍ଭ ତିନି ଦିନ ବ୍ୟାପି ଏହି ଯଜ୍ଞ ରେ ଶୁକ୍ରବାର ଅଙ୍କୁରାରୋପଣ ଶନିବାର କଳସ ଯାତ୍ରା,ରବିବାର ବେଦପାଠ, ଗୋପୂଜା, ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଧିପୂଜା,ଅଗ୍ନିପୂଜା, ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ନିକଟସ୍ଥ ସାତମାଣ ପୋଖରୀ ରୁ ୨୨ ଜଣ ଜଳ କଳସ ଧାରୀ ଏକ ଶୋଭାଯାତ୍ରାରେ ଆସି ମଣ୍ଡପ ପ୍ରବେଶ କରିଥିଲେ । ସସ୍ତ୍ରୀକ କର୍ତ୍ତା ଭାବେ ସରୋଜ ରାଉତ ଏବଂ ରିତାରାଣୀ ରାଉତ କାର୍ଯ୍ୟ ସମ୍ପାଦନ କରିଥିଲେ । ନାମ ସଂକୀର୍ତ୍ତନ ସହିତ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଅନାଦି ଚ଼ରଣ ଭୂୟାଁ, ଆନନ୍ଦ ଚ଼ନ୍ଦ୍ର ପାତ୍ର, ଲୋକନାଥ କରଣ, ଅର୍ଜୁନ କରଣ, ଅମର କୁମାର ଭୂୟାଁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray